# ଭଦ୍ରକରେ ମେଡିକାଲ କଲେଜ ଦାବି ତେଜିଲା

## ସରକାରଙ୍କ ଉପରେ ଚାପ ପକାଇବାକୁ ଦସ୍ତଖତ ଅଭିଯାନ

ଭଦ୍ରକ ଅଫିସ,୧୧।୯

ରାଜ୍ୟ ସରକାର ଭଦ୍ରକ ଜିଲାକୁ ସବୁ କ୍ଷେତ୍ରରେ ଅବହେଳା କରି ଆସିଛନ୍ତି। ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଅଞ୍ଚଳବାସୀ ଦାବି କରି ନିରାଶ ହେବାପରେ ଏବେ ଜିଲାରେ ମେଡିକାଲ କଲେଜ ସ୍ଥାପନ ଲାଗି ଜୋରଦାର ଦାବି ଉଠାଇଛନ୍ତି। ଏ ଦିଗରେ ସରକାରଙ୍କ ଉପରେ ଚାପ ପକାଇବା ଆରମ୍ଭ କରି ମଙ୍ଗଳବାର ଦଳମତ ନିର୍ବିଶେଷରେ ଲୋକେ ସଂଗଠିତ ହୋଇଛନ୍ତି। ସେମାନେ ମିଳିତ ବୈଠକରେ ଏ ନେଇ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୫ଶହରୁ ଉର୍ଦ୍ଧ୍ୱ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଓ ସଚେତନ ନାଗରିକ ସାମିଲ ହୋଇ ଆନ୍ଦୋଳନକୁ ସମର୍ଥନ ଜଣାଇ ଦସ୍ତଖତ କରିଥିଲେ।

### ମତାମତ

▶ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦୀର୍ଘ ୧୦ ବର୍ଷ ପୂର୍ବରୁ ଦାବି ହୋଇଆସୁଛି। ଏଥିପାଇଁ ରାଜ୍ୟ ସରକାରଙ୍କ ନିକଟରେ ମୁଁ ଅନେକ ଥର ଦାବି କରିଛି। ଯଦି କେନ୍ଦ୍ର ସରକାର ମେଡିକାଲ କଲେଜ ପ୍ରତିଷ୍ଠା କରିବେ ତେବେ ଜିଲାବାସୀଙ୍କ ବୃହତ୍ ସ୍ୱାର୍ଥ ପାଇଁ ଆମେ ସମସ୍ତ ସହଯୋଗ କରିବୁ।

**–ଅର୍ଜୁନ ଚରଣ ସେଠୀ, ଏମପି**

▶ ଭାରତୀୟ ଚିକିତ୍ସକ ସଂଘ ଭଦ୍ରକ ଶାଖା ପକ୍ଷରୁ ମେଡତକାଲ କଲେଜ ଦାବି ନେଇ ପ୍ରତି ବ୍ଲକରେ ପଥପ୍ରାନ୍ତ ସଭା, ଜନ ସଚେତନତା କରାଯାଇ ଆସୁଛି। ଏଥିପାଇଁ ମୁଁ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସ୍ମାରକପତ୍ର ପ୍ରଦାନ କରିଛି। ଜିଲା ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ, ନୂଆ ଅତ୍ୟାଧୁନିକ ହସ୍ପିଟାଲ ନିର୍ମାଣ, ଜିଲା ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ବୃଦ୍ଧି, ଜିଲା ଚିକିତ୍ସାଳୟରେ ଆଇସିୟୁ ବ୍ୟବସ୍ଥା କରିବା ଲାଗି ଆମେ ମଧ୍ୟ ଦାବି ଜଣାଇଦାବି କରିଆସୁଛି।

**–ଡା. ହରେକୃଷ୍ଣ ନାୟକ, ଭାରତୀୟ ଚିକିତ୍ସକ ସଂଘ ସମ୍ପାଦକ**

▶ ଆମେ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନାଡା ଓ ଅଶ୍ୱିନୀ ଚୁବେଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲୁ। ରାଜ୍ୟ ସରକାର ଆବଶ୍ୟକ ଜମି ପ୍ରଦାନ କଲେ କେନ୍ଦ୍ର ଅର୍ଥ ଅନୁମୋଦନ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପାଇଁ ଯତ୍ନବାନ ହୋଇ ଆବଶ୍ୟକ ଯୋଗାଇଦେବା ଆବଶ୍ୟକ।

**–ଡା. ପ୍ରଦୀପ ନାୟକ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ**

▶ ଜିଲାର ପ୍ରାୟ ୧୫ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଜିଲା ଚିକିତ୍ସାଳୟ ମେଣ୍ଟାଇ ପାରୁ ନାହିଁ। ଭଦ୍ରକ ଭଳି ଐତିହ୍ୟ ସମ୍ପନ୍ନ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ନିତାନ୍ତ ଆବଶ୍ୟକ। ଜିଲାର ୩ ବିଧାୟକ, ୨ ମନ୍ତ୍ରୀ, ଜଣେ ଏମପିଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତାମାନେ ଏଥିପାଇଁ ସାମୂହିକ ଭାବେ ଉଦ୍ୟମ କରିବା ଆବଶ୍ୟକ।

**–ସଂଗ୍ରାମ ଆଚାର୍ଯ୍ୟ, ବୁଦ୍ଧିଜୀବୀ ତଥା ପ୍ରବଚକ, ଭଦ୍ରକ**

▶ ଦଳ ମତ ନିର୍ବିଶେଷରେ ସମସ୍ତେ ଦାବି ଉଠାଇଲେ, ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ସମ୍ଭବ ହେବ । ଶାସକ ଦଳର ନେତାମାନେ ଏଥିପାଇଁ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବା ଆବଶ୍ୟକ।

**–ନଳିନୀକାନ୍ତ ମହାନ୍ତି,ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି**

▶ ମେଡିକାଲ କଲେଜ ଲାଗି ରାଜ୍ୟସରକାରଙ୍କ ଠାରୁ କୌଣସି ବିଧିବଦ୍ଧ ନିର୍ଦ୍ଦେଶାନାମା ଆସିନାହିଁ। ରାଜ୍ୟ ସରକାର ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଯଦି ଜମି ଆବଶ୍ୟକ କରନ୍ତି ତେବେ ଜିଲା ପ୍ରଶାସନ ତାହା ଯୋଗାଇଦେବ।

**–ଜ୍ଞାନ ରଞ୍ଜନ ଦାସ,ଜିଲାପାଳ, ଭଦ୍ରକ**



ଭାଗବତ କଲ୍ୟାଣ ମଣ୍ଡପରେ ଆହୂତ ଖବରଦାତା ସମ୍ମିଳନୀରେ ବିଭିନ୍ନ ସାମାଜିକ ସଂଗଠନ କର୍ମକର୍ତ୍ତା।

## ଅଣ୍ଟା ଭିଡ଼ିଲେ ୨୦ରୁ ଉର୍ଦ୍ଧ୍ୱ ସଂଗଠନ

ଭଦ୍ରକ ଅଫିସ,୧୧।୯

ଭଦ୍ରକ ଜିଲା ଚିକିତ୍ସାଳୟ ଉପରେ ଭଦ୍ରକ ସମେତ ପଡ଼ୋଶୀ ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର ଓ କେନ୍ଦୁଝର ଜିଲାର ପ୍ରାୟ ୨୦ଲକ୍ଷ ରୋଗୀ ନିର୍ଭର କରନ୍ତି। ଦୈନିକ ୧୫ଶହରୁ ଉର୍ଦ୍ଧ୍ୱ ରୋଗୀ ବର୍ହିବିଭାଗରେ ଡ଼ାକ୍ତରଙ୍କ ପରାମର୍ଶ ନେଇଥାନ୍ତି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ସ୍ୱରସ୍ଥ୍ୟସେବାରେ ଉପେକ୍ଷିତ ଜିଲାବାସୀ ଉନ୍ନତ ସ୍ୱାସ୍ଥ୍ୟସେବା ପାଇ ପାରିବେ ବୋଲି ଅନେକ ଦିନରୁ ଦାବି କରି ଆସୁଛନ୍ତି। ଏବେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ସୂଚନା ମତଳତା ପରେ ଏନେଇ ଜିଲାରେ ଦାବି ଜୋର ଧରିଛି। ମଙ୍ଗଳବାର ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ୨୦ରୁ ଉର୍ଦ୍ଧ୍ୱ ସାମାଜିକ ସଙ୍ଗଠନ ଏକତ୍ରିତ ହୋଇ ସରକାରୀ ସ୍ତରରେ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା କରା ନ ଗଲେ ଭଦ୍ରକ ବନ୍ଦ ପାଳନ କରାଯାଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କୁହାଯାଇଛି। ସରକାରୀ ସ୍ତରରେ ଏଥିପାଇଁ ନିତିଗତ ଘୋଷଣା କରାଯାଉ ବୋଲି ଦାବି କରାଯାଇଛି। ୧୦ ଦିନ ମଧ୍ୟରେ ସରକାର ଘୋଷଣା ନକଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ଆବାହାକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ଚିକିତ୍ସକ ସଂଘର ସମ୍ପାଦକ ଡ଼ା. ହରେକୃଷ୍ଣ ନାୟକ, ରୋଟାରୀ କ୍ଲବର ଅଜିତ ଦାସ, ଭଗତ ସେନାର ମୁଖ୍ୟ ସିତାଂଶୁ ମହାପାତ୍ର, ବିଏସଏସର ପ୍ରକାଶ ସ୍ୱାଇଁ, ନାଗରିକ ସମାଜର ଶାନ୍ତନୁ ରାଉତ୍, ଯୁଡ଼ି ଗ୍ରୁପର ଅତୁଲ ନାୟକ, ଗୋପବନ୍ଧୁ ଫାଉଣ୍ଡେସନର ପ୍ରମୋଦ ରାୟ, ତ୍ୟାଗଭୂମୀ ସମ୍ମେଳନର ତୁଷାର ମହାନ୍ତି, ବିଜୁ ସ୍ମୃତି କମିଟିର ଡ଼ା. ରବି ମହାପାତ୍ର, ରୋ ଅତିଶ ବେହେରା, ଚନ୍ଦ୍ରଶେଖର ନାୟକ, ପବନ ବାଗେଡ଼ିଆ, ରାକେଶ ପଣ୍ଡାଙ୍କ ସମେତ ବହୁ ସାମାଜିକ ଓ ରାଜନୈତିକ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିହିଡ଼ି ଯୁବମଞ୍ଚ, ଜୀବନଜ୍ୟୋତି ସଂଗଠନ, ଆଇନଜୀବୀ ଫୋରମ, ଜାଗ୍ରତ ସେନା ପରି ବହୁ ସଂଗଠନର ସଦସ୍ୟମାନେ ଯୋଗଦେଇ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ ହେଲା ବୋଲି ଘୋଷଣା କରିଥିଲେ।

## ବୁଢ଼ା, ଟୋକା ଓ ପିଲା ଗଣେଶଙ୍କ ଲାଗି ସଜେଇ ହେଉଛି ସହର

ଭଦ୍ରକ ଅଫିସ,୧୧।୯

ଐତିହ୍ୟ ସମ୍ପନ୍ନ ଭଦ୍ରକ ସହରରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜାର ସ୍ୱାତନ୍ତ୍ର୍ୟ ବାରି ହୋଇପଡେ। ଆସନ୍ତା ୧୩ ତାରିଖରେ ପଡୁଥିବା ଗଣେଶ ପୂଜା ଲାଗି ସାରା ସହର ସଜେଇ ହେବାରେ ଲାଗିଛି। ପୂଜାମଣ୍ଡପରେ ସାଜସଜ୍ଜା, ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ ଅବସ୍ଥାରେ ପହଞ୍ଚିଛି। ଏକମାସ ଧରି ଏଠାରେ ହେବାକୁ ଥିବା ବୁଢା,ଟୋକା ଓ ପିଲା ଗଣେଶଙ୍କ ପୂଜା ଅନ୍ୟବର୍ଷ ଭଳି ଏଥର ଆକର୍ଷଣ ସାଜିବ। ଭସାଣି ଉତ୍ସବ ମଧ୍ୟ ପୃଥକ୍ ପୃଥକ୍ ଭାବେ ହେବ। ପୂଜା ଲାଗି ପ୍ରସ୍ତୁତି ଜୋର ଧରିଥିବାରୁ ସହର ପରିବେଶ ଉତ୍ସବମୁଖର ହୋଇ ଉଠିଛି।

ଭାଇଚାରର ସହର ଭଦ୍ରକର ପୁରୁଣା ବଜାରରେ ବୁଢା ଓ ଟୋକା ଗଣେଶ ପୂଜା ପାଇଥାନ୍ତି। କୁଆଁସରେ ପିଲା ଗଣେଶ, କାଞ୍ଚନ ଗଣେଶ ଏବଂ ଅସ୍ଥଳରେ ପେଟୁଆ ଗଣେଶଙ୍କ ପୂଜାରେ ଏଠାରେ ଆକର୍ଷଣ ହୋଇ ରହି ଆସିଛି। କୁଆଁସରେ ମେଢ ତିଆରି ଓ ଅନ୍ୟ ପ୍ରସ୍ତୁତି କାର୍ଯ୍ୟ ଏକ ପ୍ରକାର ଶେଷ ପର୍ଯ୍ୟାୟରେ। ଚଳିତ ବର୍ଷ ଏହି ପୂଜା ୨୬ବର୍ଷରେ ପହଞ୍ଚିଛି। ପୁରୁଣାବଜାର ଟୋକାଗଣେଶ ଅନ୍ୟ ପୂଜା କମିଟି ଠାରୁ ଟିକେ ନିଆରା। ଚାନ୍ଦିମେଢ ସାଙ୍ଗକୁ ହଜାରେ ଟଙ୍କିଆ ମାଳ ଏହି ପୂଜାର ବିଶେଷତ୍ୱ। ଏହି ଅବସରରେ ବନ୍ଧୁମିଳନ ଉତ୍ସବ ଓ ଭସାଣି ପର୍ବକୁ ନିଆରା କାର୍ଯ୍ୟକ୍ରମ ଭାବେ ପାଳନ କରାଯାଇଥାଏ। ୧୯୭୦ରେ ଆରମ୍ଭ ହୋଇଥିବା ଏହି ପୂଜା କମିଟି ସଦସ୍ୟ ସଂଖ୍ୟା ଏବେ ଶହେରୁ ଅଧିକ। ସମସ୍ତେ ପୂଜାକୁ ଆକର୍ଷଣୀୟ କରିବା ସକାଶେ ଲାଗିପଡିଛନ୍ତି। ପୁରୁଣା ବଜାରର ବହୁ ପୁରାତନ ବୁଢା ଗଣେଶଙ୍କୁ ନେଇ ଏଠାରେ ରୋଚକ ଜନଶ୍ରୁତି ରହିଛି। ମୋଗଲ ସମୟରୁ ବୁଢା ଗଣେଶ ପୂଜାପାଇ ଆସୁଥିବା କୁହାଯାଏ। ନାଟ୍ୟକାର ବଂଶୀ ବଲ୍ଲଭ ଗୋସ୍ୱାମୀଙ୍କ ରଚିତ ମୋଗଲ ତାମ୍ସାରେ ବୁଢା ଗଣେଶଙ୍କର ବନ୍ଦନା ସ୍ଥାନ ପାଇଛି। ଏଠାରେ ଥିବା ସ୍ଥାୟୀ ପୂଜା ମଣ୍ଡପରେ ଏକ ମାସ ଧରି ମୂର୍ତ୍ତି ପୂଜା ପାଉଥିବା ବେଳେ ଅନ୍ୟ ସମୟରେ କେବଳ ଫଟୋ ପୂଜା ହୋଇଥାନ୍ତି।


ବୁଢା ଗଣେଶଙ୍କୁ ରଙ୍ଗ ଦିଆଯାଉଛି ।

ଗଣେଶଙ୍କ ଭିନ୍ନ ଭିନ୍ନ ବୟସକୁ ନେଇ ସହରରେ ମୂର୍ତ୍ତି ତିଆରି କରି ପୂଜା କରାଯିବା ପରମ୍ପରା ସମ୍ପର୍କରେ ଅଧିକ ତଥ୍ୟ ମିଳେ ନାହିଁ। ତେବେ କାରିଗରମାନେ ସତର୍କତା ଅବଲମ୍ବନ କରି ମୂର୍ତ୍ତି ତିଆରି କରିଥାନ୍ତି। ପ୍ରସିଦ୍ଧ ବୁଢା ଗଣେଶ ପ୍ରତିମୂର୍ତ୍ତିକୁ ସତେ ଯେପରି ବୁଢାଙ୍କ ଭଳି ତିଆରି କରାଯାଇଥାଏ । ତାଙ୍କ ଦୁଇପାର୍ଶ୍ୱରେ ଲକ୍ଷ୍ମୀ ଓ ସରସ୍ୱତୀ ବିଜେ କରନ୍ତି। ସେହିପରି ମହାଦେବଙ୍କ ଆଶୀର୍ବାଦ ଦେବାର ମୂର୍ତ୍ତି ଓ ତାଙ୍କ ଦୁଇ ପାର୍ଶ୍ୱରେ ଅଛନ୍ତି ନନ୍ଦୀ ଭୃଙ୍ଗୀ ରହିଥାନ୍ତି। ଉଭୟ ହିନ୍ଦୁ ମୁସଲମାନ ଶ୍ରଦ୍ଧାଳୁଙ୍କ ପୂର୍ଣ୍ଣ ସହଯୋଗରେ ଧୁମ୍‌ଧାମରେ ପୂଜାପାଆନ୍ତି ବୁଢା ଗଣେଶ। ବର୍ତ୍ତମାନ ସୁଦ୍ଧା ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱ ମୂର୍ତ୍ତି ତିଆରି ସରି ରଙ୍ଗ କାର୍ଯ୍ୟ ଆରମ୍ଭ ହୋଇଛି। ଗଣେଶ ଚତୁର୍ଥୀଠାରୁ ୧ ମାସ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁ ଓ ଦେଖଣାହାରିଙ୍କ ମନ ମୋହିଥାଏ।


ପିଲା ଗଣେଶଙ୍କୁ ରଙ୍ଗ ଦିଆଯାଉଛି ।


ଦୈନିକ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଆନନ୍ଦପୁର ପଞ୍ଚାୟତର ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ଶରତ ଚନ୍ଦ୍ର ମାଝୀ
ବିଜେଡି ନେତା, ପୂର୍ବତନ ସରପଞ୍ଚ
ଆନନ୍ଦପୁର, ଧାମନଗର

ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ସେବା ସମବାୟ ସମିତିର ଅଞ୍ଚଳବାସୀଙ୍କୁ ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭକାମନା ଜଣାଉଛି।

ପ୍ରଭୁ ଜଗନ୍ନାଥ ସମସ୍ତଙ୍କ ଚଲାପଥକୁ ମଙ୍ଗଳମୟ କରନ୍ତୁ।
ଦେବେନ୍ଦ୍ରନାଥ ଧଳ
ସରସଦା ସେବା ସମବାୟ ସମିତି ସଭାପତି
ସରସଦା, ଭଣ୍ଡାରିପୋଖରୀ

ନିରପେକ୍ଷ ଖବରକାଗଜ 'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ ଭଣ୍ଡାରିପୋଖରୀ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା।

ପ୍ରଣିତକାନ୍ତ ସାମଲ
ଜିଲ୍ଲା ଯୁବ ବିଜେଡି ଉପସଭାପତି
ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ
ଭଣ୍ଡାରିପୋଖରୀ

ଦୈନିକ ଖବରକାଗଜ 'ଧରିତ୍ରୀ' ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଧାମନଗର ବ୍ଲକ୍ ଆନନ୍ଦପୁର ପଞ୍ଚାୟତର ସମସ୍ତ ଜନସାଧାରଣ ଓ ଭୋଟର ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ରମେଶ ଚନ୍ଦ୍ର ପତି
ଭାଜପା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ
ତଥା ପ୍ରାକ୍ତନ ସମିତି ସଦସ୍ୟ
ଆନନ୍ଦପୁର, ଧାମନଗର

ଦୈନିକ ଅଗ୍ରଣୀ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ଜନ୍ମତିଥିରେ ଧରିତ୍ରୀର ଶୁଭ ମନାସିବା ସହିତ ରହଣିଆ ଗ୍ରାମପଞ୍ଚାୟତର ସମସ୍ତ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।

ଅଲିଭା ନାୟକ
ସରପଞ୍ଚ
ରହଣିଆ ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ

ପ୍ରଗତିପଥେ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି
ନିରପେକ୍ଷ ଦୈନିକ 'ଧରିତ୍ରୀ' ଖବରକାଗଜ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ବ୍ଲକ୍‌ର ଗୁରୁଜନ ଓ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।

ମଞ୍ଜୁଶ୍ରୀ ବେହେରା
ପଞ୍ଚାୟତ ସମିତି ଅଧ୍ୟକ୍ଷା
ଭଣ୍ଡାରିପୋଖରୀ

'ଧରିତ୍ରୀ'ର ବାର୍ଷିକ ଉତ୍ସବ ଅବସରରେ ତେସିଙ୍ଗା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।

ସଙ୍ଗୀତା ଖଣ୍ଡାୟୀ
ସରପଞ୍ଚ
ତେସିଙ୍ଗା ଗ୍ରାମପଞ୍ଚାୟତ, ଭଣ୍ଡାରିପୋଖରୀ

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ଧାମନଗର ଖଡ଼ିପଦା ଗ୍ରାମପଞ୍ଚାୟତର ସମସ୍ତ ଭୋଟର ଭାଇଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସୁଖ ସମୃଦ୍ଧି କାମନା କରୁଛି।

ଉର୍ମିଳା ବିଶ୍ୱାଳ
ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷା
ଖଡ଼ିପଦା, ଧାମନଗର


ଉତ୍ତର ଓଡ଼ିଶା ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଶୁଭେଚ୍ଛା ବାର୍ତ୍ତା
ଦୈନିକ ଅଗ୍ରଣୀ ଖବରକାଗଜ 'ଧରିତ୍ରୀ' ଉତ୍ତର ଓଡ଼ିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ସମସ୍ତ ବୁଦ୍ଧିଜୀବୀ, ଜନସାଧାରଣ ଓ ଭୋଟର ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ପ୍ରଫୁଲ୍ଲ ସାମଲ
ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି, କ୍ଷୁଦ୍ର ଅଣୁ, ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ, ଭଣ୍ଡାରିପୋଖରୀ

ଦୈନିକ ଅଗ୍ରଣୀ ଖବରକାଗଜ 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ ସରସଦା ସେବା ସମବାୟ ସମିତିର ସମସ୍ତ ଋଣଗ୍ରହୀତା, ଚାଷୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।

ଅଜୟ କୁମାର ବେହେରା
ସମ୍ପାଦକ, ସରସଦା ସେବା ସମବାୟ ସମିତି
ସରସଦା, ଭଣ୍ଡାରିପୋଖରୀ

## ସଂକ୍ଷେପରେ

### ହେଲମେଟ୍ ଯାଞ୍ଚ, ଜରିମାନା ଆଦାୟ

**ରୂପ୍‌ସା, ୧୧।୯(ଡି.ଏନ.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ନିକଟରେ ମଙ୍ଗଳବାର ପୋଲିସ ପକ୍ଷରୁ ହେଲମେଟ ଯାଞ୍ଚ କରାଯାଇଛି। ଏଏସ୍‌ଆଇ ହେମନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ରାଜପଥରେ ଯାତାୟାତ କରୁଥିବା ବାଇକ୍‌ଗୁଡ଼ିକର କାଗଜପତ୍ର, ଇନ୍‌ସୁରେନ୍ସ, ଡ୍ରାଇଭିଂ ଲାଇସେନ୍ସ ସହ ହେଲମେଟ ଯାଞ୍ଚ କରାଯାଇଥିଲା। ବେଆଇନ ୧୨ଜଣ ବାଇକ ଚାଳକଙ୍କ ଠାରୁ ୧୨ଶହ ଟଙ୍କା ଜରିମାନା ଆଦାୟ କରାଯାଇ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି।

### ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁ

**ରୂପ୍‌ସା, ୧୧।୯(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ତାଳବରେଇ ଗ୍ରାମର ରବି ସିଂଙ୍କ ପତ୍ନୀ ମଞ୍ଜୁଲତା (୩୦)ଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ସଦର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୩/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ମଞ୍ଜୁଲତା ଶାଶୁ ଘରୁ ସଦର ଥାନା ସାହାଜାନଗର ଗାଁସ୍ଥିତ ବାପ ଘରକୁ ଯାଉଥିଲେ। ହଠାତ୍ ରାସ୍ତାରେ ତାଙ୍କର ମୁଣ୍ଡ ବୁଲେଇବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସଙ୍ଗେ ସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ଦେହାନ୍ତ

**ରସାଲପୁର, ୧୧।୯(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ପରିଖି ପଞ୍ଚାୟତର ତାଳବୋରେଇ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମଦନମୋହନ ସିଂ(୭୧)ଙ୍କର ପରଲୋକ ହୋଇଯାଇଛି। ସେ ଶନିବାର ରାତିରେ ଖାଇ ଶୋଇଥିବା ବେଳେ ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଦେଖିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ଚାକିରିରୁ ଅବସର ନେବା ପରେ ସେ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ପରିଖି ବିକାଶ ମଞ୍ଚର ଉପଦେଷ୍ଟା, ପରିଖି ସମବାୟ ସମିତିର ନିର୍ଦ୍ଦେଶକ ଏବଂ ଆଦିବାସୀ ମୋର୍ଚ୍ଚାର ସଭାପତି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଅକାଳ ବିୟୋଗରେ ପରିଖି ପଞ୍ଚାୟତବାସୀ ତଥ ପରିଖି ବିକାଶ ମଞ୍ଚର କର୍ମକର୍ତ୍ତାମାନେ ଶୋକପ୍ରକାଶ କରିଛନ୍ତି।

### କାଠ ବୋଝେଇ ଗାଡି ଜବତ

**ନୀଳଗିରି, ୧୧।୯(ଡି.ଏନ.ଏ.):** ନୀଳଗିରି ବନାଞ୍ଚଳ ଅଧିନ ମିତ୍ରପୁର-ରେମୁଣା ରାସ୍ତାର ନୂଆପାଢ଼ୀ ନିକଟରେ ବନ କର୍ମଚାରୀ ମଙ୍ଗଳବାର ଚଢ଼ାଉ କରି ଏକ ନମ୍ବର ବିହୀନ କାଠ ବୋଝେଇ ଗାଡି ଜବତ କରିଛନ୍ତି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏନେଇ ବିଭାଗରେ ଏକ ମାମଲା (ନଂ. ୧୬/୧୮) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ବନକ୍ଷେତ୍ରାଧିକାରୀ ସୁକୁମାର ଦାସ କହିଛନ୍ତି। ଜବତ ନିମ୍ବ, ୟୁକେଲପଟାସ, ତୁଣ୍ଡ୍ରା ଆଦି ଗଣ୍ଡି ସମେତ ଜାଳେଣି କାଠର ଆନୁମାନିକ ମୂଲ୍ୟ ୨୨ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅପରାହ୍ନରେ ନମ୍ବର ବିହୀନ ଟାଟାଏସି ଗାଡିରେ କାଠ ବୋଝେଇ ଯାଉଥିବା ବେଳେ ବନକ୍ଷେତ୍ରାଧିକାରୀଙ୍କ ନେତୃତ୍ୱରେ ବନପାଳ ଗଣେଶ ପ୍ରସାଦ ଲେଙ୍କା, ଦେବରାଜ ରାଉତ, ସରୋଜ କୁମାର ପ୍ରଧାନଙ୍କ ସମେତ ବନ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

### ବୃଦ୍ଧଙ୍କ ଆତ୍ମହତ୍ୟା

**ରୂପ୍‌ସା, ୧୧।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଓଡ଼ିଆଶାସନ ଗ୍ରାମର ବିପ୍ର ପାତ୍ର (୭୫) ନାମକ ବୃଦ୍ଧ ସୋମବାର ରାତିରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ସେ ଏପରି କରିଥିବା ଅନୁମାନ କରାଯାଉଛି। ମଙ୍ଗଳବାର ସକାଳେ ତାଙ୍କର ପୁଅ, ପୁଅବୋହୂ ସେ ଗଛରେ ଝୁଲୁଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମ୍ୟ କମିଟି ମେମ୍ବର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବୁଝାଶୁଝା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା।

# ଦୁଃଖ ପାଲଟିଛି ଜଳକା

**ବାଞ୍ଛାନିଧି ଦେ**
**ରୂପ୍‌ସା, ୧୧।୯**


ବିପଜ୍ଜନକ ଅବସ୍ଥାରେ ଲୋକେ ନଦୀ ପାରି ହେଉଛନ୍ତି।

- ବର୍ଷକୁ ଲୀନ ହେଉଛି ୨୦ ଏକର ଚାଷଜମି
- ଗ୍ରାମବାସୀଙ୍କ ଲାଗି ନୌକା ଭରସା
- ବର୍ଷ ଯାକ ନଦୀ ଉଚ୍ଛୁଳା, ହେଉନି ବ୍ରିଜ୍ ନିର୍ମାଣ

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରସଲପୁର ପଞ୍ଚାୟତବାସୀଙ୍କ ପାଇଁ ଦୁଃଖ ପାଲଟିଛି ଜଳକା ନଦୀ। ବର୍ଷତମାମ ଜୁଆରିଆ ନଦୀର ଜଳ ଉଚ୍ଛୁଳା। ବର୍ଷକୁ ପ୍ରାୟ ୨୦ ଏକର ଚାଷଜମି ସହ ଘରଡ଼ିହ ନଦୀ ଗର୍ଭରେ ଲୀନ ହେଉଛି। ଜମିରେ ଲୁଣା ଜୁଆର ପାଣି ମାଡ଼ି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଉଛି। ହେଲେ ଏଥିପ୍ରତି ସରକାରଙ୍କ ତତ୍ପରତା ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉଲାଡ଼ି ଓ ଗୋବିନ୍ଦପୁର ଗ୍ରାମକୁ ବିଚ୍ଛିନ୍ନ କରିଥିବା ଏହି ନଦୀ ଅବବାହିକାରେ ଏକ ସ୍ଥାୟୀ ପୋଲ ନିର୍ମାଣ ହେଉ ନ ଥିବାରୁ ନୌକାକୁ ଭରସା କରି ଏଠାକାର ଲୋକ ଜୀବନ ବିତାଉଛନ୍ତି। ଫଳରେ ଗମନାଗମନ ସହ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଆଦି ଗୋବିନ୍ଦପୁର ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି।

ରସଲପୁର, ଉଲାଡ଼ି, ଗୋବିନ୍ଦପୁର, ମହିଷାଳି ଓ ବଡ଼ଧନାଡ଼ି ଆଦି ୧୧ଟି ୱାର୍ଡ଼କୁ ନେଇ ରସଲପୁର ପଞ୍ଚାୟତ ଗଠିତ। ଲୋକସଂଖ୍ୟା ୭ହଜାରରୁ ଉର୍ଦ୍ଧ୍ୱ। ଘର ସଂଖ୍ୟା ପ୍ରାୟ ୨ହଜାର। ଭୋଟର ସଂଖ୍ୟା ୩, ୬୫୨। ଏଠାକାର ଲୋକଙ୍କ ଜୀବିକା ଚାଷ କରିବା, ମାଛ ଧରିବା। ଏହି ପଞ୍ଚାୟତର ୧ନଂ. ୱାର୍ଡ଼ ମହିଷାଳିଠାରୁ ୧୧ନଂ. ୱାର୍ଡ଼ ବଡ଼ ଧନାଡ଼ି ପର୍ଯ୍ୟନ୍ତ ପ୍ରାୟ ୧୦ କି.ମି. ଦୂରତା ଦେଇ ପ୍ରବାହିତ ହୋଇଛି ଜଳକା ନଦୀ। ଏହି ନଦୀର ପୂର୍ବପଟେ ସବୁ ୱାର୍ଡ଼ର ଅଧିବାସୀ ବସବାସ କରୁଥିବା ବେଳେ ପଶ୍ଚିମପଟରେ ରହିଛି ଗୋବିନ୍ଦପୁର ଗ୍ରାମ। ଏହି ଗ୍ରାମରେ ଅଛନ୍ତି ୫୦ ପରିବାର। ୬୦ନଂ. ଜାତୀୟ ରାଜପଥଠାରୁ ଏହି ଗାଁର ଦୂରତା ମାତ୍ର ୧ କି.ମି.। ହେଲେ ଗାଁରୁ ରାଜପଥକୁ ଯିବା ପାଇଁ କୌଣସି ରାସ୍ତା ନାହିଁ। ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର କି କୌଣସି ସ୍କୁଲ ନାହିଁ। ନୌକାରେ ନଦୀ ପାରି ହୋଇ ଉଲାଡ଼ି ଗ୍ରାମ ଦେଇ ମୁଖ୍ୟରାସ୍ତାକୁ ଆସିଲେ ହିତାଧିକାରୀଙ୍କୁ ମିଳେ ରାଶନ ସାମଗ୍ରୀ। ହାଟବଜାର ପାଇଁ ହେଉ କି ସ୍କୁଲ କି ଡାକ୍ତରଖାନା ହେଉ ଗ୍ରାମବାସୀଙ୍କୁ ସବୁବେଳେ ନୌକା ଉପରେ ନିର୍ଭର କରିବାକୁ ପଡେ। ଅପରପକ୍ଷେ ପଞ୍ଚାୟତବାସୀଙ୍କର ଶହେ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମି ନଦୀର ପଶ୍ଚିମପଟେ ଥିବାରୁ ନୌକାରେ ନଦୀ ପାରି ହୋଇ ଚାଷ କାର୍ଯ୍ୟ କରିବାକୁ ପଡ଼ିଥାଏ। ସାର, ଔଷଧ ପକାଇବା ସହ ଧାନ କଟା ଓ ଧାନ ବୁହା କାର୍ଯ୍ୟ ପାଇଁ ନୌକା ହିଁ ଭରସା। ବାରମ୍ବାର ଉଲାଡ଼ିଠାରେ ନଦୀ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ପଞ୍ଚାୟତ ତରଫରୁ ଜିଲାପାଳ, ବିଡ଼ିଓ, ତହସିଲଦାର, ଏମ୍‌ପି, ବିଧାୟକଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ସମିତିସଭ୍ୟା ବାସନ୍ତୀ ପାଣି, ହରେକୃଷ୍ଣ ଦଳେଇ, ଅପର୍ତ୍ତି ନାୟକ, ଗୌରହରି ମହାନ୍ତି, ପଦ୍ମାବତୀ ଦଳେଇ, କଟି ରଣା, ଜଗା ମାରାଣ୍ଡି ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସୁବେଶ କୁମାର ନାୟକ କୁହନ୍ତି, ଜଳସେଚନ ବିଭାଗ ତରଫରୁ ନଦୀପାର୍ଶ୍ୱରେ ପଥର ପ୍ୟାଚିଂ କି ବନ୍ଧ ନିର୍ମାଣ କରାଯାଉନାହିଁ। ପ୍ରତିବର୍ଷ ଚାଷ ଜମି ଖାଉଛି। ୨୦୧୮ ଜାନୁୟାରୀରେ ଏଠାରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଅବଗତ କରାଯାଇଥିଲା। ହେଲେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଲୋକଙ୍କୁ ହୀନସ୍ତା ହେବାକୁ ପଡୁଛି।


କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ବେଳେ ପଞ୍ଚାୟତ ଅଫିସରେ ତାଲା ପକାଯାଇଛି।

## ପଞ୍ଚାୟତ ଅଫିସରେ ତାଲା ପକାଇଲେ କଂଗ୍ରେସ କର୍ମୀ

**ବସ୍ତା, ୧୧।୯(ସ୍ୱ.ପ୍ର.)**

ତୈଳଦର ବୃଦ୍ଧି ପ୍ରତିବାଦରେ କଂଗେସରୁ ପକ୍ଷରୁ ସୋମବାର ବନ୍ଦ ଡାକରା ଦିଆଯାଇଥିଲା। ସଦର ବ୍ଲକର ସାର୍ଥା ପଞ୍ଚାୟତ ଅଫିସ ଖୋଲାଥିବାରୁ ନୂତନ କଂଗ୍ରେସ ସଭାପତି କମଳାକାନ୍ତ ମଲିକ, ଯୁଧିଷ୍ଠୀର ମଲିକ ଓ ବୀରେନ୍ଦ୍ର ରାଉତଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସେଠାରେ ଉପସ୍ଥିତ ହୋଇ ସେଠାରେ ତାଲା ପକାଇଥିଲେ।

## ସ୍ୱାମୀଙ୍କୁ ଛାଡ଼ି ସ୍ତ୍ରୀ ଫେରାର

- ଥାନାରେ ଅଭିଯୋଗ କଲେ ଶ୍ୱଶୁର

**ଖଇରା, ୧୧।୯(ଡି.ଏନ.ଏ.)**

ଖଇରା ବ୍ଲକ କୁରୁଣ୍ଟା ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଛାଡି ଫେରାର ହୋଇଯାଇଥିବା ନେଇ ତାଙ୍କ ଶ୍ୱଶୁର ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମହିଳାଙ୍କ ସ୍ୱାମୀ ମାନ୍ଦ୍ରାସରେ କାମ କରନ୍ତି। ଶ୍ୱଶୁର ଓ ବୋହୂ ଘରେ ରୁହନ୍ତି। ଅଗଷ୍ଟ ୧୫ ତାରିଖରେ ମହିଳାଜଣକ କୁଆଡେ ପଳାଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ମନଇଚ୍ଛା ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଘେରାଉ

**ବସ୍ତା, ୧୧।୯(ସ୍ୱ.ପ୍ର.)**

ବସ୍ତା ବିଦ୍ୟୁତ ବିଭାଗର ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ବିରୋଧ କରି ବସ୍ତା ଭାଜପା ପକ୍ଷରୁ ମଙ୍ଗଳବାର ବାହାର୍ଦ୍ଦାସ୍ଥିତ ବିଦ୍ୟୁତ୍ ଡିଭିଜନ ଅଫିସ ଘେରାଉ କରାଯାଇଛି। ଭାଜପା ସଭାପତି ଶ୍ୟାମାପ୍ରସାଦ ବେହେରାଙ୍କ ନେତୃତ୍ୱରେ ଗାନ୍ଧୀଛକଠାରେ ଏକ ସଭା କରାଯାଇ ସରକାର ତଥା ବିଦ୍ୟୁତ ବିଭାଗର ଅପାରଗତା ଉପରେ ନାରାବାଜି କରିଥଲେ। ସେଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାର୍ଦ୍ଦାଠାରେ ଥିବା ବିଦ୍ୟୁତ୍ ଡିଭିଜନ ଅଫିସ ପର୍ଯ୍ୟନ୍ତ ଯାଇ ଅଫିସ ଘେରାଉ କରିଥିଲେ। ଅନ୍ୟ ପ୍ରମୁଖ ଭାଜପା ନେତାମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଜୈନ, ଅଜୟ କୁମାର ସାହୁ, ସୁବଳ ଦାସ, ରଞ୍ଜନ ମହାନ୍ତି, ତୁଷାର ବେହେରା, ଶିବାନନ୍ଦ ଦାସ, ଅଦ୍ୱୈତ ବାଗ, ଶାରଦା ଗିରି, ରାସବିହାରୀ ଦାସଅଧିକାରୀ ଓ ସୁଧାଂଶୁ ତ୍ରିପାଠୀ ପ୍ରମୁଖ ସହଯୋଗ କରିବା ସହିତ ବିଦ୍ୟୁତ ବିଭାଗ ଏବଂ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ ତୁରନ୍ତ ଏହାର ସମାଧାନ ଦାବି କରିଥିଲେ।

## ବଜ୍ରପାତରେ ବାଳକ ଗୁରୁତର

**ଖଇରା, ୧୧।୯(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ କୁପାରୀ ଗ୍ରାମର ସୁନନ୍ଦ ବାରିକଙ୍କ ୧୨ ବର୍ଷର ପୁଅ ରମେଶ ମଙ୍ଗଳବାର ଅପରାହ୍ନରେ ବାରଣ୍ଡାରେ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେ ଅଚେତ ହୋଇ ପଡିଥିଲେ। ତାଙ୍କ ଶରୀରର ଅନେକ ଅଂଶ ପୋଡିଯାଇଥିଲା। ଚିକିତ୍ସା ପାଇଁ ପ୍ରଥମେ ତାଙ୍କୁ ପ୍ରଥମେ ଖଇରା ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ସୁନନ୍ଦଙ୍କ ଘର ଚାନ୍ଦବାଲି ଅଞ୍ଚଳରେ। ସେ କୁପାରୀରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି।

- ଗଣେଶ ପୂଜା, ମହରମ୍ ଉପଲକ୍ଷେ ଶାନ୍ତି କମିଟି ବୈଠକ

## ଡିଜେ ସମ୍ପୂର୍ଣ୍ଣ ନିଷେଧ କରାଯିବାକୁ ନିଷ୍ପତ୍ତି

**ସୋର, ୧୧।୯(ଡ଼ି.ଏନ.ଏ.)**

ଆସନ୍ତା ଗଣେଶ ପୂଜା ଓ ମହରମ୍ ପର୍ବ ପାଳନ ଅବସରରେ ସୋର ଥାନା ପରିସରରେ ଶାନ୍ତି କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋର ତହସିଲଦାର ଦେବୀ ପ୍ରସନ୍ନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାଲେଶ୍ୱର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ଉପସ୍ଥିତ ଥିଲେ। ଗଣେଶ ପୂଜା ଓ ମହରମ୍ ପର୍ବ କିଭଳି ଭାବେ ଶାନ୍ତି ଶୃଙ୍ଖଳାର ସହିତ ପାଳନ ହେବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସୋର ଥାନାଧିକାରୀ କ୍ଷମାସାଗର ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ପ୍ରଶାସନ ତରଫରୁ ସମସ୍ତଙ୍କର ସହଯୋଗ କାମନା କରାଯାଇଥିଲା। ବୈଠକରେ ବିଦ୍ୟୁତ୍ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଏହି ପର୍ବରେ ଡିଜେକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯିବାକୁ ନିଷ୍ପତ୍ତି ହୋଇଛି। ଗଣେଶ ମେଢ଼ ଭଷାଣି ସହ ମହରମ୍‌ରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ନାଗରିକ ମଞ୍ଚ ସମ୍ପାଦକ ଡ.ନରହରି ନାୟକ, ବଣିକ ସଂଘ ସଭାପତି ସନ୍ତୋଷ କୁମାର ମହାନ୍ତି, ମଞ୍ଜୁର ଆଲାମ, ସାମାଜିକ କର୍ମୀ ରାଜେନ୍ଦ୍ର ମହାନ୍ତି, ଭାଜପା ନେତା ରାକେଶ ମଲ୍ଲିକ ଓ ପୂର୍ବତନ ବ୍ଲକ ଚେୟାରମ୍ୟାନ ଶ୍ରୀକାନ୍ତ ଜେନା ପ୍ରମୁଖ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।


ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଅତିଥି।

## ୫ ଯୁବ ପ୍ରତିଭା ସମ୍ମାନିତ

**'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ**

**ବାଲେଶ୍ୱର ଅଫିସ, ୧୧।୯**

ରାଜ୍ୟ ସରକାରଙ୍କ 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ କମର୍ସ ବିଭାଗ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଲୁକ୍କାୟିତ ଯୁବ ପ୍ରତିଭାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଉଦ୍ଦେଶ୍ୟରେ ବିଜୁ ଯୁବବାହିନୀ ମାଧ୍ୟମରେ ଯୁବ ପ୍ରତିଭା ଅନ୍ୱେଷଣ ଆରମ୍ଭ କରିଛନ୍ତି ବୋଲି କହିଥିଲେ।

ରାଜ୍ୟରୁ ଆସିଥିବା ମୁଁ ହିରୋ ମୁଁ ଓଡ଼ିଶା ରଥ ଏବଂ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇ ସଭାସ୍ଥଳକୁ ଅଣାଯାଇଥିଲା। ଏହାକୁ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପରିଚାଳନା କରିଥିଲେ। ଫକୀରମୋହନ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀମୟ ଦାସଅଧିକାରୀ, ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ, ଉପପୌରାଧ୍ୟକ୍ଷ ରଶ୍ମିରେଖା ଦେବ, ସଦର ବିଧାୟକ ପ୍ରତିନିଧି ଆଶିଷ ଘୋଷ, ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବିଡ଼ିଓ ଶଙ୍କର୍ଷଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ୫ଜଣ ଯୁବ ପ୍ରତିଭା ଶୁଭ ସୌରଭ ମହାପାତ୍ର, ଅଙ୍କିତା ପାଣିଗ୍ରାହୀ, ପ୍ରଜ୍ଞା ପ୍ରଶାନ୍ତି ସାହୁ, ନୀଳମାଧବ ବେହେରା, କାଳୀଚରଣ ଦାସଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଜୁ ଯୁବ ବାହିନୀ ପକ୍ଷରୁ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନଙ୍କୁ ଛତା ଏବଂ କାନ୍ଥ ଘଣ୍ଟା ପ୍ରଦାନ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଏବଂ ବିଜୁ ଯୁବ ବାହିନୀର ବହୁ କର୍ମକର୍ତ୍ତା ସାମିଲ ଥିଲେ।

### ଷ୍ଟୋଭ ଫାଟି ମହିଳା ମୃତ

**ଖଇରା, ୧୧।୯(ଡି.ଏନ.ଏ.)**

ଖଇରା ଥାନା ତେନ୍ତୁଳିଆପଡା ଗ୍ରାମର ମୁକ୍ତରା ଶାହାଙ୍କ ସ୍ତ୍ରୀ ରଜୋ ବିବି ଷ୍ଟୋଭରେ ରୋଷେଇ କରୁଥିବା ବେଳେ ହଠାତ୍ ଫାଟିଯିବାରୁ ସେ ଗୁରୁତର ହୋଇପଡିଥିଲେ। ଶନିବାର କଟକ ବଡ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଛି।

### ବଜ୍ରପାତରେ ୨ ବଖରା ପୋଡ଼ିଗଲା

**ସଜନାଗଡ଼, ୧୧।୯(ଡି.ଏନ.ଏ.):** ମଙ୍ଗଳବାର ନୀଳଗିରି ବ୍ଲକ ବରିପାଳ ଗ୍ରାମରେ ବଜ୍ରପାତ ହୋଇ ଦେବୀ ସିଂଙ୍କ ୨ ବଖରା ଘର ପୋଡ଼ି ଯାଇଛି। ୧୦ହଜାର ଟଙ୍କା, ସୁନାଗହଣା, ଆସବାବପତ୍ର ମଧ୍ୟ ପୋଡ଼ିଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଭିଡ଼ିଓ ଭାଇରାଲ କରିଥିବା ଯୁବକ ଗିରଫ

**ସୋର, ୧୧।୯(ଡ଼ି.ଏନ୍.ଏ.):** ଗତ କିଛିଦିନ ଧରି ସୋସିଆଲ ମିଡିଆରେ ଭାଇରାଲ୍ ହେଇଥିବା ଏକ ଭିଡିଓ କ୍ଲିପ୍‌କୁ ନେଇ ସୋର ଥାନାରେ ଅଭିଯୋଗ ହେବା ପରେ ସୋର ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ଏନେଇ ସୋର ଥାନାରେ ମାମଲା (ନଂ.୩୮୧/୧୮) ରୁଜୁହୋଇଛି।

## ଶିକ୍ଷକଙ୍କ ଧାରଣା


ବାଲେଶ୍ୱର ସଦର ବ୍ଲକ ସମ୍ମୁଖରେ ଶିକ୍ଷକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

**ବାଲେଶ୍ୱର ଅଫିସ, ୧୧।୯**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବାଲେଶ୍ୱର ସଦର ବ୍ଲକ ସମ୍ମୁଖରେ ମଙ୍ଗଳବାର ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରତିନିଧିମଣ୍ଡଳ ପକ୍ଷରୁ ଦାବିପତ୍ର ଦିଆଯାଇଛି। ଶିକ୍ଷକ ଗଜେନ୍ଦ୍ର ନାୟକ, ଭାଗବତ ମହାନ୍ତି, ହରିପଦ ଭୂୟାଁ, ବିଷ୍ଣୁ ଚରଣ ଦାସ, ଶଚିନ୍ଦ୍ର କୁମାର ମହାନ୍ତି, କୃଷ୍ଣ ପ୍ରସାଦ ପୃଷ୍ଟି ପ୍ରମୁଖ ସାମିଲ ଥିଲେ। **ଖଇରା(ଡି.ଏନ.ଏ.)–** କଲେଜ ଶିକ୍ଷକ ଅଧ୍ୟାପକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଖଇରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ବିଭିନ୍ନ ସଂଘର କର୍ମକର୍ତ୍ତା ମହେନ୍ଦ୍ର ପ୍ରସାଦ କବି, ଷଡାନନ ପାଣିଗ୍ରାହୀ, ବିଷ୍ଣୁପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ପୁହାଣ, ରାଜେନ୍ଦ୍ର ଦାସମହାପାତ୍ର, ଆର୍ତ୍ତବନ୍ଧୁ ନାୟକ, କୈଳାସ ଚନ୍ଦ୍ର ସେଣ୍ଠ, ଭାସ୍କର ଚନ୍ଦ୍ର ଦାସ, ବସନ୍ତ କୁମାର ସୂତାର ଓ ହରିହର ଶଙ୍ଖୁଆ ପ୍ରମୁଖ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଆଗାମୀ ନିର୍ବାଚନରେ ସରକାରଙ୍କୁ ଏହାର କଡା ଜବାବ ଦିଆଯିବ ବୋଲି ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଶେଷରେ ମିଳିତ ମଞ୍ଚ ପକ୍ଷରୁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। **ସୋର, (ଡି.ଏନ.ଏ.)–** ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତରଫରୁ ସୋର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ ହୋଇଛି। ଏହି ଅବସରରେ ପ୍ରତିବାଦ ସଭା କରାଯାଇ ସୋର ବିଡିଓଙ୍କୁ ଏକ ଦାବିପତ୍ର ଦିଆଯାଇଛି। **ବସ୍ତା,(ସ୍ୱ.ପ୍ର.)–** ବସ୍ତା ବ୍ଲକ କାର୍ଯାଳୟରେ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ମିଳିତ ମଞ୍ଚର ସଭାପତି ରମେଶ ନାୟକଙ୍କ ସଭାପତିତ୍ୱ କରିଥିଲେ। ଧାରଣାରେ ତାପସ କୁମାର ଦାସ, ହରିବାସ ଦାସ, ସୃଷ୍ଟିଧର ପାତ୍ର, ସଦାନନ୍ଦ ଦିକ୍ଷୀତ, ପ୍ରଭାତ ରଞ୍ଜନ ଦାସ ଓ ଅଭିରାମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। **ଔପଦା, (ଡି.ଏନ.ଏ.)–** ଔପଦା ବ୍ଲକସ୍ତରୀୟ ବ୍ଲକଗ୍ରାଣ୍ଟ ସ୍କୁଲ କଲେଜ ପକ୍ଷରୁ ବ୍ଲକ ସମ୍ମୁଖରେ ପ୍ରତୀକ ଗଣଧାରଣା ଦିଆଯାଇଛି। ଔପଦା ଡିଗ୍ରୀ କଲେଜ ଅଧ୍ୟାପକ ଲକ୍ଷ୍ମୀନାରାୟଣ ଦାସଙ୍କ ସଭାପତିତ୍ୱ କରିଥିଲେ। ଧାରଣାରେ ଶିକ୍ଷକନେତା ବୈକୁଣ୍ଠ ପୁଥାଳ, ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ମକୁନ୍ଦ ପ୍ରସାଦ ବିଶ୍ୱାଳ, କୃଷ୍ଣଚନ୍ଦ୍ର ଦାସ, ସୁରଞ୍ଜନ ଦାସ, ପ୍ରମୁଖ ସାମିଲ ଥିଲେ। **ନୀଳଗିରି, (ଡି.ଏନ.ଏ.)–** ନୀଳଗିରି ବ୍ଲକ ଅଫିସ ଆଗରେ ଶିକ୍ଷକ ସଂଘର ସମ୍ପାଦକ ପ୍ରମୋଦ କୁମାର ଦାସଙ୍କ ନେତୃତ୍ୱରେ ଧାରଣା ଦିଆଯିବା ସହ ପ୍ରତିବାଦ ସଭା କରାଯାଇଥିଲା। **ଜଳେଶ୍ୱର, (ଡି.ଏନ.ଏ.)–** ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକନେତା ବଂଶୀଧର ବାରିକ, କୁମୁଦ ରଞ୍ଜନ ଜେନା, ସମରବଲ୍ଲଭ ସାହୁ, ପରେଶଚନ୍ଦ୍ର କମିଳା, ସୁକୁମାର ମିଶ୍ର, ଅଜିତ ମହାନ୍ତି, ସରୋଜ ପାଣିଗ୍ରାହୀ, ସୁନୀଲ କୁମାର ନାୟକ, ଭାଜପା ନେତା ଅରୁଣ କୁମାର ବେଜ, ସିପିଏମ୍ ନେତା ଦିଲୀପ ପରିଡ଼ାଙ୍କ ସହ ଅନ୍ୟମାନେ ଧାରଣା ଦେଇଥିଲେ। **ବାହାନଗା,(ଡି.ଏନ.ଏ.)–** ବାହାନଗା ବ୍ଲକ ସାମ୍ନାରେ ଲକ୍ଷ୍ମୀଧର ମୁଦୁଲିଙ୍କ ଆବାହକତ୍ୱରେ ଧାରଣା ଦିଆଯାଇଥିଲା। ଏଥିରେ ପ୍ରଶାନ୍ତ କୁମାର ରାଉତ, ଅକ୍ଷୟ କୁମାର ପଣ୍ଡା, ନିରଞ୍ଜନ ଦାସ, ପିତାମ୍ବର ଖିଲାର, ମୁକ୍ତିକାନ୍ତ ମିଶ୍ର ଓ ମମତା ଦାଶ ପ୍ରମୁଖ ସାମିଲ ହୋଇଥିଲେ। **ଭୋଗରାଇ, (ଡି.ଏନ.ଏ.)–** ଭୋଗରାଇ ବ୍ଲକ ପରିସରରେ ଶିକ୍ଷକ ନେତା ନଟରଞ୍ଜନ ଘରାଇ, ବିଜୟାନନ୍ଦ ପଟ୍ଟନାୟକ, ମନ୍ମଥ କୁମାର ବେହେରାଙ୍କ ସହ ଅନ୍ୟମାନେ ଧାରଣା ଦେଇଛନ୍ତି।

## ସ୍ୱଚ୍ଛ ଭାରତ ମିଶନରେ ଅନିୟମିତତା

**କନିଷ୍ଠଯନ୍ତ୍ରୀଙ୍କୁ ଘେରାଉ କଲେ ଗ୍ରାମବାସୀ**

**ବାହାନଗା, ୧୧।୯(ଡି.ଏନ.ଏ.)**


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ସ୍ୱଚ୍ଛ ଭାରତ ମିଶନରେ ଅନିୟମିତତା ନେଇ ବାହାନଗା ବ୍ଲକ ଦାଣ୍ଡହରିପୁର ପଞ୍ଚାୟତ ମୁଗୁନିପୁର ଗ୍ରାମର ୧ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ମଙ୍ଗଳବାର ବ୍ଲକ ପରିମଳ ଓ ପାନୀୟ ଜଳ ବିଭାଗର କନିଷ୍ଠଯନ୍ତ୍ରୀ-୨ଙ୍କୁ ଘେରାଉ କରିଥିଲେ। ଏହାସହ ଏବିଡିଓ ଓ କନିଷ୍ଠଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଗ୍ରାମରେ ହେଉଥିବା ସ୍ୱଚ୍ଛ ଭାରତ ମିଶନରେ ଚାଲିଥିବା ପାଇଖାନା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଠିକାଦାର ସରକାରୀ କାଗଜପତ୍ରରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ବ୍ଲକ ପରିସରରେ ଥିବା ପରିମଳ ଓ ପାନୀୟ ଜଳ ବିଭାଗ ଯନ୍ତ୍ରୀ ରିତାଞ୍ଜଳୀ ବେହେରାଙ୍କ ନିକଟକୁ ଆସି ଦାବି ଜଣାଇବା ସହିତ ଏବିଡିଓ ମାନସ କୁମାର ଚୌଧୁରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମର ଯେଉଁମାନଙ୍କର ପାଇଖାନା ନିର୍ମାଣ ହୋଇନାହିଁ, ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ପ୍ରକୃତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଦାବି କରିଥିଲେ। ଯଦି ପ୍ରଶାସନ ପଦକ୍ଷେପ ନ ନିଅନ୍ତି, ତାହେଲେ ଆଗାମୀ ଦିନରେ ବ୍ଲକ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ବେହେରା ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଶାନ୍ତ ପଡିଥିଲେ। ଗ୍ରାମବାସୀଙ୍କ ମଧ୍ୟରେ ଶଶୀକାନ୍ତ ନାୟକ, ଦୈତାରି ସ, ୱାର୍ଡସଭ୍ୟ ପ୍ରଫୁଲ୍ଲ ପାତ୍ର, ନିର୍ମଳ ଦାସ, ପିତାମ୍ବର ମାଝି, ପ୍ରଦୀପ ମହାନ୍ତି, ମଞ୍ଜୁଲତା ମଲ୍ଲିକ, ଯମୁନା ମଲିକ, ସଞ୍ଜୁଲତା ମାଝି, ମଞ୍ଜୁଲତା ମାଝି, ଶାନ୍ତିଲତା ରାଉତ ପ୍ରମୁଖ ଥିଲେ।

## ସଂକ୍ଷେପରେ

### ବଡାମ ବାହିନୀର ପ୍ରସ୍ତୁତି ବୈଠକ

**ଉଦଳା, ୧୧।୯ (ଡି.ଏନ.ଏ.) :** ଉଦଳା ଡାକ ବଙ୍ଗଳା ପରିସରରେ ମଙ୍ଗଳବାର ବଡାମ ବାହିନୀ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବଡାମ ବାହିନୀର ମୁଖ୍ୟ ଅନଙ୍ଗ ସେନାପତିଙ୍କ ଆବାହକତ୍ୱରେ ବିଜୟ କୁମାର ସେନାପତି, ସୁବାସ ଚନ୍ଦ୍ର ଦଳେଇ, ବାରିପଦା ଶାଖାର ରୂପେଶ କୁମାର ଗିରିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଆଗାମୀ ଦିନ ପାଇଁ ବଡାମ ବାହିନୀ ଗୋପବନ୍ଧୁନଗର ବ୍ଲକ ବରଡିହି ପଞ୍ଚାୟତ ଗଡା ଗ୍ରାମରେ ବାଥୁଡି ସମ୍ମିଳନୀ ହେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଆବାହକ ସେନାପତି ଜଣାଇଛନ୍ତି । ଉଦଳା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବାଥୁଡି ଗ୍ରାମରେ ବଡାମ ଶାଳଗୁଡିକୁ ଚିହ୍ନଟ କରାଯାଇ ତାହାର ସୁରକ୍ଷା ଏବଂ ଉନ୍ନତୀକରଣ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

### କାଠ ଜବତ, ଜଣେ ଗିରଫ

**କପ୍ତିପଦା,୧୧।୯(ଡି.ଏନ.ଏ):** କପ୍ତିପଦା ରେଞ୍ଜ ଅଧୀନ କ୍ଷେଣ୍ଣକଟା-ରାଇକାଳି ରାସ୍ତାରେ ଚୋରା କାଠ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କପ୍ତିପଦା ବନ ବିଭାଗ ଚଢଉ କରିଛି । ଏହି ଚଢାଉ ସମୟରେ ଜଣେ ବ୍ୟକ୍ତିଙ୍କ ନିକଟରୁ ୪.୯୭ ସିଏଫଟି ପିଆଶାଳ କାଠ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି । ସେ ହେଲେ ଜଡିଦା ଲକ୍ଷ୍ମଣସାହି ଗ୍ରାମର ମୋହନ ଟୁଡୁ(୨୮) । ସେଠାରେ ଉପସ୍ଥିତ ଥିବା ଅନ୍ୟ ୬ ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି । ଧରା ପଡିଥିବା ମୋହନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି । ଫେରାର ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ରେଞ୍ଜର ମହେଶ୍ୱର ସିଂ ସୂଚନା ଦେଇଛନ୍ତି ।

### କପ୍ତିପଦାରେ ଛାତ୍ର ସଂଘ ପୁନଃଗଠିତ

**କପ୍ତିପଦା,୧୧।୯(ଡି.ଏନ.ଏ):** କପ୍ତିପଦା ସବ୍‌ଡିଭିଜନସ୍ତରୀୟ ହୋ ସୁସାର ମାର୍ଶାଲ ଆକଲା ଓ ଛାତ୍ର ସଂଘ ପୁନଃଗଠିତ ହୋଇଛି । ଏହି ଅବସରରେ ଏକ ବୈଠକ ଉଦଳା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହୋ ଭାଷା ଓ ସଂସ୍କୃତି ବିକାଶ ମଞ୍ଚ ସଭାପତି ମାର୍କଣ୍ଡ ହେମ୍ବ୍ରମ୍ ସଭାପତିତ୍ୱ କରିଛନ୍ତି । ୱାରାଂ ଚିତି ହୋ ସୁସାର ମାର୍ଶାଲ ଆକଲାର ନୂତନ ସଭାପତି ଭାବେ ସଙ୍ଗା ପାଳିଆ, ଉପ ସଭାପତି ମାନଗୋବିନ୍ଦ ହେମ୍ବ୍ରମ୍, ସମ୍ପାଦକ ରମେଶ ବିରୁଆ, ସହସମ୍ପାଦକ ଓ ସାଂସ୍କୃତିକ ସମ୍ପାଦକ ଭାବେ ମାର୍କଣ୍ଡ ହେମ୍ବ୍ରମ୍ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ସେହିପରି ପୁନଃଗଠିତ ଛାତ୍ରସଂଘ ସଭାପତି ଭାବେ ନରେଶ ଚନ୍ଦ୍ର ପୂର୍ତ୍ତି, ଉପସଭାପତି ସୁପେରିଆ ବଇପଇ, ସମ୍ପାଦକ ଗାଲା ସିଂ, ସହସମ୍ପାଦକ ବିଜୟ ବାଙ୍ଗରା ଓ ସାଂସ୍କୃତିକ ସମ୍ପାଦକ ଭାବେ ଶଙ୍କର ସିଂ ମନୋନୀତ ହୋଇଥିବା ସଙ୍ଗଠନ ପକ୍ଷରୁ କହିଛନ୍ତି ।

### କ୍ଷତିଗ୍ରସ୍ତ ପରିବାରଙ୍କୁ ମିଳିଲା ସହାୟତା

**ଭଞ୍ଜକିଆ,୧୧।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲାରେ ଗତ ସପ୍ତାହରେ ଲଗାଣ ବର୍ଷା ପ୍ରଭାବରେ ରରୁଆଁ ବ୍ଲକ୍‌ର ବହୁ ଲୋକଙ୍କ ଘରର ମାଟି କାନ୍ଥ ବତୁରି ଧସି ଯାଇଛି । ଫଳରେ କ୍ଷତିଗ୍ରସ୍ତ ପରିବାର ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି । ଶୁକ୍ରବାର ଲଗାଣ ବର୍ଷା ଜନିତ ଘର ଧସିବା ଖବର ବିଭିନ୍ନ ଗଣମାଧମରେ ପ୍ରକାଶିତ ହେବା ପରେ ତହସିଲ ପକ୍ଷରୁ ପଲିଥିନ୍ ବିପନ୍ନଙ୍କୁ ଯୋଗାଇ ଦିଆଯାଇଥିଲା । ସୋମବାର ବୈଦ୍ୟନାଥ ପଞ୍ଚାୟତର ଜାମୁନ୍ତୀ ଗ୍ରାମରେ ୩ଟି ପରିବାରର ଘର ଭୁଶୁଡିଥିବା ସୂଚନା ପାଇ ବିଜେଡି ସମ୍ପାଦକ, ପୂର୍ବତନ ଜିଲା ପରିଷଦ ତଥା ଜିଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ସଦସ୍ୟ ଗୋଲକ ବିହାରୀ ନାୟକ ଏବଂ ବିଜୁ ଛାତ୍ର ଜନତା ଦଳର ବ୍ଲକ୍ ସଭାପତି ମଳୟ ଧଳ ସେଠାରେ ପହଞ୍ଚିଥିଲେ । ଏକାକିନୀ ବିଧବା ମହିଳା ଇନ୍ଦୁମତୀ ନାୟକଙ୍କୁ ବସ୍ତ୍ର ଏବଂ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏଥିସହ ସେହି ଗ୍ରାମର ଲଳିତ ନାୟକ ଓ ଗୋପବନ୍ଧୁ ନାୟକଙ୍କ ଧସିଯାଇଥିବା ଗୃହ ପରିଦର୍ଶନ କରି ସରକାରୀ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ କି ଏମାନେ ସମସ୍ତେ ଗରିବ ଶ୍ରେଣୀୟ ଆଦିବାସୀ ପରିବାର ହୋଇଥିବାରୁ ଶ୍ରୀ ନାୟକ ଅଗ୍ରାଧିକାର ଭିତ୍ତିରେ ସାହାଯ୍ୟ ଯୋଗାଇବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଉକ୍ତ ପରିଦର୍ଶନ ସମୟରେ ବିଜୁ ଛାତ୍ର ଜନତା ଦଳର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ ।

# 'ବାଘାଯତୀନ୍ ଥିଲେ ମୁକ୍ତି ସଂଗ୍ରାମର ଅଭିମନ୍ୟୁ'

**କପ୍ତିପଦା,୧୧।୯(ଡି.ଏନ୍.ଏ.)**



କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

- ଶହୀଦ୍ ସଂଗ୍ରାମୀଙ୍କ ବଳିଦାନ ଦିବସ ପାଳିତ
- ବୀର ସଂଗ୍ରାମୀଙ୍କୁ କୋଳାଗ୍ରତ କରିଛି କପ୍ତିପଦା ମାଟି
- ମିଳିଛି ସ୍ୱତନ୍ତ୍ର ପରିଚୟ

ସବୁ ବାଉଁଶର ଭାଗ୍ୟରେ ଜାତୀୟ ପତାକା ଟେକି ଧରିବାର ସୁଯୋଗ ନ ଥାଏ । ସବୁ ବଂଶୀ ମୋହିନୀ ବଂଶୀ ନୁହେଁ । ଯେଉଁ ବଂଶୀ କୃଷ୍ଣଙ୍କ ଓଠରେ ଲାଗିଥାଏ ସେ ବଂଶୀ ହେଉଛି ମୋହିନୀ ବଂଶୀ । ସେହିପରି କପ୍ତିପଦା ମାଟି ବୀର ସଂଗ୍ରାମୀଙ୍କୁ କୋଳାଗ୍ରତ କରି ଭାରତୀୟ ମୁକ୍ତି ସଂଗ୍ରାମର ମୋହିନୀ ବଂଶୀ ପାଲଟିଛି । ମହାନ ସ୍ୱାଧୀନତା ସଂଗ୍ରାମୀ ବାଘାଯତୀନଙ୍କ ୧୦୩ତମ ବଳିଦାନ ଦିବସ ଉପଲକ୍ଷେ ଅନୁଷ୍ଠିତ ଶହୀଦ୍ ସ୍ମାରକୀ ସମାରୋହରେ ଓଡିଶା ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହା ମତବ୍ୟକ୍ତ କରିଛନ୍ତି । ବାଘାଯତୀନ୍ ଥିଲେ ମୁକ୍ତି ସଂଗ୍ରାମର ଅଭିମନ୍ୟୁ ବୋଲି ଏହି ଅବସରରେ ରାଜ୍ୟପାଳ କହିଥିଲେ ।

ସୁଦୂର ପଶ୍ଚିମବଙ୍ଗର ନଦିୟା ଜିଲାରୁ ଆସି କପ୍ତିପଦାରେ ରହି ଦେଶ ମାତୃକାର ସେବା ପାଇଁ ସଂଗ୍ରାମର ବୀଜ ବୁଣି ଏ ମାଟିକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ସଂଗ୍ରାମୀ ବାଘାଯତୀନ ଓ ତାର ୪ଜଣ ସାଥୀଙ୍କ ବଳିଦାନକୁ ଉଜ୍ଜିବୀତ କରିବାକୁ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଥିବା ଶହୀଦ୍ ବାଘାଯତୀନ୍ ସ୍ମୃତି ପୀଠରେ ଅନୁଷ୍ଠିତ ହୋଇଥିଲା କାର୍ଯ୍ୟକ୍ରମ । ଶହୀଦ୍ ସ୍ମୃତି ପରିଷଦ ସଭାପତି ମଣିନ୍ଦ୍ର ଚକ୍ରବର୍ତ୍ତୀଙ୍କ ନାତି ଇଂ ଅଶୋକ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏହି ଅବସରରେ ସ୍ମୃତିପୀଠରୁ ଶହୀଦ୍ ଜ୍ୟୋତିକୁ ପ୍ରଜଳ୍ୱନ କରାଯାଇ କପ୍ତିପଦା ବଜାର ପରିକ୍ରମା କରାଯାଇଥିଲା । ଏହା ପରେ ଆରମ୍ଭ ହୋଇଥିଲା ଶହୀଦ୍ ସ୍ମାରକୀ ସମାବେଶ ପର୍ବ । ଶହୀଦ୍ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଲିକଙ୍କ ପରିଚାଳନାରେ ସମାବେଶ ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଶହୀଦ୍ କ୍ରାନ୍ତିକାରୀ ଶତାବ୍ଦୀ ଆୟୋଜକ ସମିତି ଉପସଭାପତି ସତ୍ୟନାରାୟଣ ମିଶ୍ର । ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ୍ ଯୋଗଦେଇ କପ୍ତିପଦା ମାଟି ବୀର ପ୍ରସବିନୀ ମାଟି । ଏ ମାଟିର ପ୍ରତିଟି ଧୂଳି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଚନ୍ଦନବିନ୍ଦୁ । ଅନ୍ୟମାନଙ୍କ ମଧ୍ୟରେ ବାଘା ଯତୀନ ପରିଷଦ ସଭାପତି ଅଶୋକ କୁମାର ଚକ୍ରବର୍ତ୍ତୀ , ଅନ୍ତୋର୍ଦ୍ଧୟ ଚେତନା ମଣ୍ଡଳୀର ପ୍ରତିଷ୍ଠାତା ଆଦିତ୍ୟ ପଟ୍ଟନାୟକ, ପତ୍ରାକାର କୁଳମଣୀ ବାରିକ୍, ଛାତ୍ରୀ ଗୌରୀ ରଣା ଓ ଆଦର୍ଶ ଆଦିବାସୀ ମହିଳା ବେଞ୍ଚ ବେୱାଙ୍କୁ ସମ୍ମାନିତ କରିଥିଲେ ।

# ନ୍ୟାଯ୍ୟ ଦାବି ଲାଗି ଶିକ୍ଷକଙ୍କ ଧାରଣା




ରରୁଆଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

**କପ୍ତିପଦା,୧୧।୯(ଡି.ଏନ.ଏ)**

କପ୍ତିପଦା ବ୍ଲକ୍ ସମ୍ମୁଖରେ ମଙ୍ଗଳବାର ଓଡିଶା ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚ ପକ୍ଷରୁ ୭ଦଫା ଦାବି ନେଇ ଧାରଣା ଦିଆଯାଇଛି । ବାରମ୍ବାର ଦାବି ସତ୍ତ୍ୱେ ସରକାର ତାଙ୍କ ନ୍ୟାଯ୍ୟ ଦାବି ପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଏହି ଧାରଣା ଦିଆଯାଇଥିବା ଜଣାଯାଇଛି । ଦାବିଗୁଡିକ ହେଉଛି ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପରିସରଭୁକ୍ତ କରାଯିବା ଓ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ଲାଗୁ କରିବା, ଅନୁଦାନଯୋଗ୍ୟ ସମସ୍ତ ସ୍କୁଲ କଲେଜକୁ ଅନୁଦାନ ପ୍ରଦାନ କରିବା, ସପ୍ତମ ବେତନ କମିଶନ ଲାଗୁ କରିବା, ଅନୁଦାନ ଆଳରେ ସତ୍ୟପାଠ କିମ୍ବା ଲିଖିତ ସୂଚନା ଦେବା ପାଇଁ ହୋଇଥିବା ନିର୍ଦ୍ଦେଶନାମାକୁ ହଟାଇବା, ଅନୁକମ୍ପାମୂଳକ ସହାୟତା ରାଶି ଓ ଇପିଏଫ୍ ବାବଦ ଅର୍ଥ ପ୍ରଦାନ କରିବା ଆଦି ଅନ୍ତର୍ଭୁକ୍ତ ରହିଛି ।

**ବାରିପଦା ଅଫିସ/ବଡ଼ସାହି(ସ୍ୱ.ପ୍ର),** ମଙ୍ଗଳବାର ଓଡିଶା ସ୍କୁଲ ଶିକ୍ଷକ କଲେଜ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ବ୍ଲକ ଶିକ୍ଷକ ସମନ୍ୱୟ ସମିତି ଉପଦେଷ୍ଟା ରାଜେନ୍ଦ୍ର ଜେନାଙ୍କ ନେତୃତ୍ୱରେ ବ୍ଲକର ୧୧ଟି ମାଧ୍ୟମିକ ସ୍କୁଲ, ୬୬୨ଓ ୪୮୮ବର୍ଗର ୩ଟି କଲେଜର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଅଧ୍ୟାପକ ଧାରଣାରେ ସାମିଲ ହୋଇଛନ୍ତି । ଏହି ଧାରଣା ୧୫ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଓଷ୍ଟା ବ୍ଲକ ସମ୍ପାଦକ ପ୍ରଭାସ କୁମାର ନାୟକ ସୂଚନା ପ୍ରଦାନ କରିଛନ୍ତି । ୭ଦଫା ଦାବି ପୂରଣକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଏଥିରେ ସାମିଲ ହୋଇଛନ୍ତି । ୧୫ତାରିଖ ସୁଦ୍ଧା ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ଏହାର ପ୍ରଚାର ପ୍ରସାର କରାଯିବ ବୋଲି ସଂଘର ବ୍ଲକ ଉପସଭାପତି ଦେବରାଜ ନାୟକ ପ୍ରକାଶ କରିଛନ୍ତି । **ଭଞ୍ଜକିଆ** –ରରୁଆଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ତରଫରୁ ଗଣଧାରଣା ଦିଆଯାଇଥିଲା । ବ୍ଲକ ଅଧୀନ ବିଭିନ୍ନ ସ୍କୁଲ କଲେଜର ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା । **ଠାକୁରମୁଣ୍ଡା,(ଡି.ଏନ.ଏ)–** ଠାକୁରମୁଣ୍ଡା ବ୍ଲକ ଓଡିଶା ସ୍କୁଲ,କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ରାଜ୍ୟସରକାରଙ୍କ ମାରଣ ନୀତିକୁ ବିରୋଧ କରି ମଙ୍ଗଳବାର କର୍ମକର୍ତ୍ତାମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଡିଓଙ୍କୁ ଏକ ଦାବୀପତ୍ର ଦେଇଥିଲେ । ଠାକୁରମୁଣ୍ଡା ବ୍ଲକର ୧୫ ଗୋଟି ବ୍ଲକଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ, ୨ଟି ମହାବିଦ୍ୟାଳୟର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ । ମନୋରଞ୍ଜନ ଦ୍ୱିବେଦୀ, ମନୋଜ କୁମାର ନାଏକ, ଓଷ୍ଟା ଠାକୁରମୁଣ୍ଡା ବ୍ଲକ ଆବାହକ ପ୍ରତାପ ଚନ୍ଦ୍ର ଗିରିଙ୍କ ନେତୃତ୍ୱରେ କର୍ମଚାରୀମାନେ ରାଲିରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସ୍ଲୋଗାନ ଦେଇଥିଲେ । ସଂଘ ପକ୍ଷରୁ ବିଡିଓଙ୍କୁ ୩ଦଫା ସମ୍ବଳିତ ଦାବୀ ପତ୍ର ପ୍ରଦାନ କରିଥିଲେ ।

# ଗାଁ ଜଙ୍ଗଲ ସୁରକ୍ଷା ନେଇ ଦାବିପତ୍ର

**ଉଦଳା, ୧୧।୯ (ଡି.ଏନ.ଏ.)**

ଉଦଳା ବ୍ଲକ ବହୁବନ୍ଧ ପଞ୍ଚାୟତର ନାବରା ଗ୍ରାମ ଜଙ୍ଗଲ ସୁରକ୍ଷା ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଦୀର୍ଘ ୪୫ ବର୍ଷର ସବୁଜିମା ଜଙ୍ଗଲ ପ୍ରତି ବନବିଭାଗର ଉଦାସୀନତାକୁ ଗ୍ରାମବାସୀ ଦାୟୀ କରିଛନ୍ତି । ନାବରା ବନ ସମିତି ସଦସ୍ୟମାନେ ଗତ ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ କପ୍ତିପଦା ଗସ୍ତ ଅବସରରେ ଗାଁ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ ବନ ସଂରକ୍ଷଣ ସମିତି ନାବରା ଦ୍ୱାରା ଗ୍ରାମ ଜଙ୍ଗଲକୁ ସୁରକ୍ଷା ଦେଇ ୧୦୪ ହେକ୍ଟର ଜଙ୍ଗଲ ସୃଷ୍ଟି କରାଯାଇଥିଲା । ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପ୍ରକୃତିପ୍ରେମୀ ନରୋତ୍ତମ ଦାସ ସେମାନଙ୍କୁ ସହଯୋଗ କରି ଆସୁଥିଲେ । ମାତ୍ର ଜଙ୍ଗଲ ବିଭାଗ ଏହି ଗାଁ ଜଙ୍ଗଲରେ ମୂଲ୍ୟବାନ ଗଛ, ଗୁଳ୍ମ ଲତାକୁ ଧ୍ୱଂସ କରି ଶିମିଳିପାଳ ଅଭୟାରଣ୍ୟର ଯମୁନାଗଡ ବିସ୍ଥାପିତଙ୍କୁ ଥଇଥାନ କରିଛନ୍ତି । ତାଛଡା ଜବରଦଖଲ, ଚାଷଜମି, ପୋଖରୀ ଡ୍ରେନ୍ ନିର୍ମାଣ କରାଯାଇ ଗ୍ରାମ ଜଙ୍ଗଲକୁ ନଷ୍ଟ କରାଯାଉଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହାର ସୁରକ୍ଷା ପାଇଁ ରାଜ୍ୟପାଳଙ୍କୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

# ଉଦଳା ମହାବିଦ୍ୟାଳୟ ଇଂରାଜୀ ବିଭାଗ ସେମିନାର



ସେମିନାରରେ ଉପସ୍ଥିତ ଅଧ୍ୟାପକ ଓ ଛାତ୍ରୀଛାତ୍ର ।

**ଉଦଳା, ୧୧।୯ (ଡି.ଏନ.ଏ.)**

ଉଦଳା ମହାବିଦ୍ୟାଳୟ ଇଂରାଜୀ ସମ୍ମାନ ବିଭାଗରେ ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ସେମିନାର ଅନୁଷ୍ଠିତ ହୋଇଯାଇଛି । ମଡର୍ଣ୍ଣ ଇଂଲିଶ୍ ଲିଟରେଚର ବିଷୟକୁ ନେଇ ଏହି ସେମିନାର ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଆଧ୍ୟାତ୍ମିକବାଦ ଉପରେ ଉଦ୍‌ବୋଧନ ଦେଇଥିଲେ । ସେହିଭଳି ଇଂରାଜୀ ବିଭାଗର ମୁଖ୍ୟ ଡ. ଯତିନ କୁମାର ମହାକୁଡ ଆଧୁନିକ ଇଂରାଜୀ ସାହିତ୍ୟର ବୈଶିଷ୍ଟ ଏବଂ ମହାନ୍ କବି ଟି.ଏସ୍. ଇଲିଅଟ୍, ଇଟସ୍ ଏବଂ ଔପନାସିକ ଜେମସ୍ ଜୟେସ୍‌ଙ୍କ ଲେଖାରେ ଥିବା ମହାତ୍ମାକୁ ଆଲୋକପାତ କରିଥିଲେ । ମେଘାସନ ମହାବିଦ୍ୟାଳୟ ନୁଦଡିହାର ଇଂରାଜୀ ଅଧ୍ୟାପକ ପ୍ରଫେସର ଫନିଭୂଷଣ ପୋଥାଳ, ଧାନଘେରା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ପ୍ରଫେସର ଜୟନ୍ତ ଜେନା, ଆଞ୍ଚଳିକ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ପ୍ରଫେସର ଲିଙ୍ଗରାଜ ନାୟକ ପ୍ରମୁଖ ଯୋଗ ଦେଇ ଆଧୁନିକ ଇଂରାଜୀ ସାହିତ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ମୋଟ ୧୦ ଜଣ ଛାତ୍ରୀଛାତ୍ର ଉକ୍ତ ସେମିନାରରେ ପାଠଚକ୍ର ପ୍ରବନ୍ଧ ପାଠ କରିଥିଲେ । ଅଧ୍ୟାପିକା କୁମାରୀ ବବିତା ବେହେରା, ବର୍ଷାରାଣୀ ବାରିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପୋଲରୁ ଖସି ଯୁବକ ଗୁରୁତର

**ବିଶୋଇ,୧୧।୯**

ମଙ୍ଗଳବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲା ବିଶୋଇ ଥାନା ନିକଟସ୍ଥ ଏକ ୩୦ ଫୁଟ ପୋଲ ଉପରୁ ଖସି ଜଣେ ଯୁବକ ଗୁରୁତର ହୋଇଛନ୍ତି । ଗୁରୁତରଜଣକ ହେଲେ ରାଇସେନ ମୁର୍ମୁ (୨୬) । ତାଙ୍କ ଘର ଝାଡ଼ଖଣ୍ଡର ବହଲାଗୁଡା ଅଞ୍ଚଳରେ । ସେ ବିଶୋଇ ବ୍ଲକ ଛକ ସ୍ଥିତ ହନୁମାନ ମନ୍ଦିର ସାହିରେ ଥିବା ନିଜ ସମ୍ପର୍କୀୟଙ୍କ ଘରକୁ ବୁଲି ଆସିଥିଲେ । ସେଠାରୁ ସେ ନିଜ ବନ୍ଧୁଙ୍କୁ ସହିତ ବିଶୋଇ ବଜାର ଛକ କୁ ୪୯ ନମ୍ବର ଜାତୀୟ ରାଜପଥରେ ଥିବା ପୋଲରେ ଯାଉଥିଲେ । ଉକ୍ତ ସମୟରେ ଜାତୀୟ ରାଜପଥ ଦେଇ ଉଭୟ ପଟୁ ୨ ଟ୍ରକ ଦ୍ରୁତ ଗତିରେ ମାଡି ଆସିଥିଲା । ପୋଲଟି ଅଣ ଓସରିଆ ଓ ଭଙ୍ଗା ହୋଇଥିବାରୁ ରାଇସେନ ଭୟଭୀତ ହୋଇ ଭାରସାମ୍ୟ ହରାଇ ବସିଲେ । ଫଳରେ ସେ ନିଜ ଉପରୁ ନିୟନ୍ତ୍ରଣ ହରାଇ ପୋଲ ଉପରୁ ୩୦ ଫୁଟ ତଳକୁ ଖସି ପଡ଼ିଥିଲେ । ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବିଶୋଇ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାଯାଇଛି ।









@ ଧୀରେନ



@ ଶାନ୍ତନୁ



@ ଉତ୍ତମ



@ ସୁବାସ



@ ଅଜୟ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# 'ଆଧ୍ୟାତ୍ମିକତାକୁ ଦିଗଦର୍ଶନ ଦେଉଛି ଓଡ଼ିଶା'



ରାଣିଭୋଳ ବାଳିକା ହାଇସ୍କୁଲ ପରିଦର୍ଶନ ସମୟରେ ଛାତ୍ରୀଙ୍କ ଗହଣରେ ରାଜ୍ୟପାଳ ।

- ରାଜ୍ୟପାଳଙ୍କ ମୟୂରଭଞ୍ଜ ଜିଲା ଗସ୍ତ
- ଛାତ୍ରୀଛାତ୍ର, ମହିଳା ଚାଷୀଙ୍କ ସହ ଭାବ ବିନିମୟ
- ମୟୂରଭଞ୍ଜକୁ ବିକାଶର ଶୀର୍ଷରେ ପହଞ୍ଚାଇବା ଲାଗି ଆହ୍ୱାନ

**ବାରିପଦା ଅଫିସ/ବଡ଼ସାହି (ସ୍ୱ.ପ୍ର),୧୧।୯**

ଓଡ଼ିଶାର କୋଣ ଅନୁକୋଣରେ ରହିଛନ୍ତି ଜଗତର ନାଥ ଜଗନ୍ନାଥ । ଏଠାରେ ଲୋକଙ୍କ ମଧ୍ୟରେ ଭରି ରହିଛି ଆଧ୍ୟାତ୍ମିକତା । ଏହି କାରଣରୁ ଓଡ଼ିଶା ବିଶ୍ୱରେ ଆଧ୍ୟାତ୍ମିକତାକୁ ଦିଗଦର୍ଶନ ଦେଉଛି । ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା ଓଡିଶା ରାଜ୍ୟପାଳ ଡ.ଗଣେଶୀ ଲାଲ ରାଣୀଭୋଳ ବାଳିକା ହାଇସ୍କୁଲ ପରିଦର୍ଶନରେ ଯାଇଥିବା ବେଳେ ଏହା ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ରାଜ୍ୟପାଳ ତକତପୁରସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସ ପରିଦର୍ଶନ କରି କୁଳପତି, ପ୍ରଫେସର ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବ ବିନିମୟ କରିଥିଲେ । ଏହି ଅବସରରେ ଜାତୀୟ ସେବା ସଂସ୍ଥା ପକ୍ଷରୁ ମାଗଣା ମୋତିଆବିନ୍ଦୁ ଅପରେଶନ ପାଇଁ ଚିହ୍ନଟ କରାଯାଇଥିବା ଶିବିରର ଉଦଘାଟନ କରିଛନ୍ତି । ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଅବସରରେ ଗାନ୍ଧିଜୀଙ୍କ ଫଟୋଚିତ୍ରକୁ ଉନ୍ମୋଚନ କରିଛନ୍ତି । ସେଠାରୁ ଅପରାହ୍ନ ୧ଟା ସମୟରେ ରାଣୀଭୋଳ ବାଳିକା ହାଇସ୍କୁଲରେ ପହଞ୍ଚି ଆଧ୍ୟାତ୍ମିକତାକୁ ଆପଣେଇଲେ ପିଲାମାନେ ପଥଭ୍ରଷ୍ଟ ହେବେ ନାହିଁ ବୋଲି ଆଲୋକପାତ କରିଥିଲେ । ପରେ ରାଜାବସା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଉରା ଗ୍ରାମରେ ନିର୍ମାଣ ହୋଇଥିବା ମନରେଗା ପ୍ରଦର୍ଶନୀ ପାର୍କ ଭ୍ରମଣ କରି ମହିଳା ଚାଷୀଙ୍କ ସହ ଆଲୋଚନା କରିଥିଲେ । ସେଠାରୁ ସ୍ଥାନୀୟ ମୁର୍ଗାବାଡିସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ପହଞ୍ଚି ବିଭିନ୍ନ ଜନହିତକର ଯୋଜନାର ରୂପରେଖ ସମ୍ପର୍କରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଜିଲାରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ରାଜ୍ୟପାଳଙ୍କ ସହିତ ଆସିଥିବା ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ପ୍ରଶାସନିକ ଅଧିକାରୀଙ୍କୁ କହିଛନ୍ତି । ଏକମାସ ମଧ୍ୟରେ ବାକି ଥିବା ସମସ୍ତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରାଯିବ ବୋଲି ଜିଲାପାଳ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାରଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ମୟୂରଭଞ୍ଜ ଜିଲାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟପାଳ ଡ. ଲାଲ ଜିଲା ଅଧିକାରୀଙ୍କୁ ଦିଗଦର୍ଶନ ଦେଇଛନ୍ତି । ଏହା ପରେ ରାଜ୍ୟପାଳ କଳାବାଡିଆ ସ୍ଥିତ ବନବାସୀ ସେବାଶ୍ରମ ପରିଦର୍ଶନ କରିବା ପରେ ବେତନଟୀ ହୋଇ ଭଦ୍ରକ ଜିଲାକୁ ଯାଇଛନ୍ତି । ରାଜ୍ୟପାଳଙ୍କ ଗସ୍ତକୁ ଦେଖି ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।




# ଚାକିରି ଦେବା ନାଁରେ ଜମି ହଡ଼ପ

**ସୋର, ୧୧।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ନଟାପଡ଼ା ପଞ୍ଚାୟତରେ ବନ୍ଦ ରହିଥିବା ଏକ କମ୍ପାନୀରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଜମି ହଡ଼ପ କରିଥିବା ବାଲେଶ୍ୱର ଜିଲାପାଳଙ୍କଠାରେ ଅଭିଯୋଗ ହୋଇଛି। ଏହି ପଞ୍ଚାୟତର ତିଳଦା, ନଟାପଡ଼ା, ବିଣାଗଡିଆ, ଡିଙ୍କିଆପଦା ଗ୍ରାମବାସୀଙ୍କୁ ସେମାନଙ୍କର ପିଲାଙ୍କୁ ଚାକିରି ଦେବାକୁ କହି ୨୦୦୮ ମସିହାରେ ପରିଚାଳନା ନିର୍ଦ୍ଦେଶକ ଜମି କିଣିଥିଲେ। ଜମି ହରାଇଥିବା ପରିବାରଙ୍କୁ ଚାକିରି ଦେବା ନିମନ୍ତେ କମ୍ପାନୀ ପକ୍ଷରୁ ଚୁକ୍ତି କରାଯାଇଥିଲା। ଫଳରେ ଗ୍ରାମବାସୀ ଏହାକୁ ବିଶ୍ୱାସକୁ ନେଇ ଜମି ବିକ୍ରି କରି ଦେଇଥିଲେ। ସମ୍ପୃକ୍ତ ପରିଚାଳନା ନିର୍ଦ୍ଦେଶକ ନାମକୁ ମାତ୍ର କେତୋଟି ଘର ନିର୍ମାଣ କରି ଗ୍ରାମବାସୀଙ୍କ କମ୍ପାନୀ ହେଉଛି ବୋଲି ବିଶ୍ୱାସ ଜନ୍ମାଇଥିଲେ। କାଁ ଭାଁ କେତେ ଜଣଙ୍କୁ ତାଙ୍କ କମ୍ପାନୀରେ ନିଯୁକ୍ତି ଦେବାକୁ କହି ମାସେ ଦୁଇମାସ ଦରମା ଦେଇ କେତେ ଜଣଙ୍କ ଦରମା ଟଙ୍କା ମଧ୍ୟ ବାକି ରଖିଥିବା ନେଇ ଅଭିଯୋଗ ହୋଇଛି । ଏପରିକି ପରିଚାଳନା ନିର୍ଦ୍ଦେଶକ ଶୀତଳଭଣ୍ଡାର କରିବାର ମିଥ୍ୟା କାଗଜପତ୍ର ଦେଇ ସରକାରଙ୍କଠାରୁ ଋଣ ଉଠାଇବା ସହିତ ସବ୍‌ସିଡ଼ ଟଙ୍କାକୁ ହଡ଼ପ କରିଥିବା ଅଭିଯୋଗ ହୋଇଛି । ଏହାର ଉପଯୁକ୍ତ ତଦନ୍ତ କରାଯିବାକୁ ଜିଲାପାଳଙ୍କଠାରେ ଦାବି କରାଯିବା ସହ ଏହାର ଏକକିତା ନକଲ ଏସ୍‌ପି, ସୋର ତହସିଲଦାର, ସୋର ଥାନାଧିକାରୀ, ଭିଜିଲାନ୍ସ ଅଧିକାରୀ, ମାନବିକ ଅଧିକାରୀ କମିଶନର ଭୁବନେଶ୍ୱର, କମ୍ପାନୀ ସେକ୍ରେଟାରି ତଥା ସଚିବ ଭୁବନେଶ୍ୱର ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମର ଦୀନବନ୍ଧୁ ଜେନା, ତପନ କୁମାର ଜେନା, ଉମାକାନ୍ତ ମହାକୁଡ଼, ଅନନ୍ତ ମହାକୁଡ଼, ଗଣେଶ ପ୍ରସାଦ ଜେନା, ଚକ୍ରଧର ସେଠୀ, ଅଗଣୀ ସେଠୀ, ଲମ୍ବୁଧର ସେଠୀ, ଭରତ ମହାକୁଡ଼, ବାସନ୍ତୀ ମଳିକ, ମହେନ୍ଦ ଦାସ, ନିତ୍ୟାନନ୍ଦ ବାରିକ, ଘନଶ୍ୟାମ ଶିଅଳ, ସ୍ନେହଲତା ପାତ୍ରୀ ପ୍ରମୁଖ ଏହାର ତଦନ୍ତ ଦାବି କରିଛନ୍ତି।

# ଟ୍ରାକ୍ଟର ଧକ୍କାରେ ମହିଳା ମୃତ

**ଖୁଣ୍ଟା ୧୧।୯(ଡି.ଏନ.ଏ)**

ଖୁଣ୍ଟା ଥାନା ଅଧୀନ ସାନସାତଶୋଳ ଗ୍ରାମ ଛକ ନିକଟରେ ଗୋରୁ ଚରାଉଥିବା ଜଣେ ମହିଳାଙ୍କର ମଙ୍ଗଳବାର ଟ୍ରାକ୍ଟର ଚାପାରେ ମୃତ୍ୟୁ ହୋଇଛି। ମୃତାଜଣକ ହେଲେ ସାନସାତଶୋଳ ଗ୍ରାମର ମଙ୍ଗଲ ହେମ୍ବ୍ରମଙ୍କ ପତ୍ନୀ ଆରତୀ (୩୫)। ସାନସାତଶୋଳ ଛକ ନିକଟ ରାସ୍ତା ପାର୍ଶ୍ୱରେ ଅପରାହ୍ନରେ ଆରତୀ ଛିଡା ହୋଇଥିବା ବେଳେ ଗଞ୍ଜାମ ଛକ ପଟୁ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ତାଙ୍କ ଉପରେ ମାଡ଼ିଯାଇ ଓଲଟି ପଡିଥିଲା । ଗାଡି ଡ୍ରାଇଭର ଉଦଳା ଥାନା କାଶୀକୁଣ୍ଡଳା ଗ୍ରାମର ଟୁନା ନାଏକ ସେଠାରୁ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ଖୁଣ୍ଟା ପୋଲିସ ଜିମା ଦେଇଥିଲେ। ଗୁରୁତର ଅବସ୍ଥାରେ ଆରତୀଙ୍କୁ ଉଦଳା ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହେବା ସହିତ ଟ୍ରାକ୍ଟରଟିକୁ ପୋଲିସ ଜବତ କରିଛି।




# ବିଚାରପତିଙ୍କ ବାସଗୃହରୁ ବାଇକ୍ ଚୋରି

**ଜଳେଶ୍ୱର, ୧୧।୯ (ଡି.ଏନ.ଏ.)**

ଜଳେଶ୍ୱରରେ ଅବସ୍ଥାପିତ ବରିଷ୍ଠ ଦେୱାନୀ ବିଚାରପତି (ସବଜଜ୍) ବିନୋଦ ବିହାରୀ ସାହୁଙ୍କ ନୂଆବଜାରସ୍ଥିତ ବାସଗୃହରୁ ସୋମବାର ବିଳମ୍ବିତ ରାତିରେ ଏକ ବାଇକ୍(ନଂ.ଓଆର୍‌୦୮ଏଫ୍-୮୪୯୯) ଚୋରି ହୋଇଯାଇଛି। ମଙ୍ଗଳବାର ବିଚାରପତି ସାହୁ ବାଇକ୍ ଚୋରି ସମ୍ପର୍କରେ ସ୍ଥାନୀୟ ଜଳେଶ୍ୱର ଥାନାରେ ଲିଖିତ ଭାବେ ଜଣାଇବା ପରେ ଏକ ମାମଲା(ନଂ.୨୭୯/୨୦୧୮) ରୁଜୁ ହୋଇଛି। ବିଚାରପତିଙ୍କ ଧନ ସମ୍ପତ୍ତିକୁ ସୁରକ୍ଷା ଯୋଗାଇ ପାରୁ ନ ଥିବା ପୋଲିସ କିଭଳି ଭାବେ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇ ଦେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଚାଫଲାରେ ଡେଙ୍ଗୁ ରୋଗୀ ଚିହ୍ନଟ

**ଜଳେଶ୍ୱର, ୧୧।୯(ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଚମାରଗାଁ ପଞ୍ଚାୟତ ଚାଫଲା ଗ୍ରାମର ଜଣେ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ତାଙ୍କୁ ତୁରନ୍ତ କଟକସ୍ଥିତ ବଡ ମେଡିକାଲକୁ ଚିକିତ୍ସା ନିମନ୍ତେ ନିଆଯାଇଛି। ତାଙ୍କୁ କିଛି ଦିନ ହେବ ଜ୍ୱର ଛାଡୁ ନ ଥିବାରୁ ତାଙ୍କ ରକ୍ତ ପରୀକ୍ଷା କରାଯାଇଥିଲା।




Cheil-1440/18



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରେନରେ କଟି ଶ୍ରମିକଙ୍କ ମୃତ୍ୟୁ

ଯୋଡ଼ା,୧୧।୯(ଡି.ଏନ୍.ଏ.)-କେନ୍ଦୁଝର ଜିଲା ବାମେବାରୀ ଥାନା ତଥା ଦକ୍ଷିଣ ପୂର୍ବ ରେଳପଥ ଅନ୍ତର୍ଗତ ଜଜାଙ୍ଗ ନିକଟରେ ଥିବା ଘରୋଇ ରେଳ ସାଇଡିଂରେ ସୋମବାର ଟ୍ରେନରେ କଟି ସୁଶୀଲ ମାଝି ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ତାଙ୍କ ଘର ଗୁରୁତୁଆଁ ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ଉକ୍ତ ରେଳ ସାଇଡିଂରେ କାର୍ଯ୍ୟରତ ଥିବା ସମୟରେ ଏକ ଟ୍ରେନ ଧକ୍କା ଦେଇଥିଲା । ଯାହାଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ରେଳ ବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

### ଜିଲା ଏନ୍‌ସିସି ଅଧିକାରୀଙ୍କ ପାଟଣା କଲେଜ ପରିଦର୍ଶନ

ପାଟଣା, ୧୧।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସସ୍ତାମ ପାଟଣାକୁ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଜସେଫ ଆଣ୍ଟନି ପରିଦର୍ଶନରେ ଆସି ସନ୍ତୋଷ ପ୍ରକାଶ କରିଛନ୍ତି। ସ୍ୱାଗତ ଉଦେଶ୍ୟରେ ମହାବିଦ୍ୟାଳୟ ଅଧକ୍ଷ ଶଙ୍କର୍ଷଣ ସାହୁଙ୍କ ଅଧକ୍ଷତା ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଅଧାପକ ହରିହର ଓଝା, ପୂର୍ଣ୍ଣ ଚନ୍ଦ୍ର ଦାଶ, ଜଗନ୍ନାଥ ମହାନ୍ତ ଓ ମହାବିଦ୍ୟାଳୟ ଏନ୍‌ସିସି ଅଧିକାରୀ ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ଏନ୍‌ସିସି ଅଧିକାରୀ ଆଣ୍ଟନୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ ।

### ଶେଷ ପର୍ଯ୍ୟାୟରେ ବିଶ୍ୱକର୍ମା ପୂଜା ପ୍ରସ୍ତୁତି

ରାଇସୁଆଁ,୧୧।୯(ଡି.ଏନ.ଏ.) କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କେନ୍ଦୁପଶି ଗ୍ରାମରେ ଆସନ୍ତା ୧୭ ତାରିଖରେ ହେବାକୁ ଥିବା ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିବା କମିଟି ତରଫରୁ ସୂଚନା ମିଳିଛି। ଏହି ଗ୍ରାମରେ ୧୪ ବର୍ଷ ହେଲା ବିଶ୍ୱକର୍ମା ପୂଜା ହୋଇଆସୁଛି। ସେଥିଲାଗି ଗ୍ରାମ ଏବେଠାରୁ ଚଳଚଞ୍ଚଳ ହୋଇ ଉଠିଲାଣି। ଏହି ଗ୍ରାମରେ ବିଶ୍ୱକର୍ମା ପୂଜା ଏକ ନିଆରା ଢଙ୍ଗରେ ହୋଇଥାଏ । ପୂଜା କମିଟିର ସଦସ୍ୟ ଦୁର୍ଯ୍ୟୋଧନ ପାତ୍ର, ପ୍ରତାପ ପାତ୍ର, ଦେବାନନ୍ଦ ପାତ୍ର, ଗଣେଶ୍ୱର ପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ପୂଜା କାର୍ଯ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ କରିବା ଲାଗି ପ୍ରୟାସ ଜାରି ରଖିଛନ୍ତି।

### ପାଟଣା କଂଗ୍ରେସର ୯ ଘଣ୍ଟିଆ ବନ୍ଦ

ପାଟଣା,୧୧।୯(ସ୍ୱ.ପ୍ର.): ଅହେତୁକ ତୈଳ ଦର ବୃଦ୍ଧି ପରିପ୍ରେକ୍ଷୀରେ ଜାତୀୟ କଂଗ୍ରେସ ଓ ସହଯୋଗୀ ଦଳ ତରଫରୁ ଦିଆଯାଇଥିବା ଭାରତ ବନ୍ଦ କରାଯାଇଥିଲା। ପାଟଣା ୨୩ ନମ୍ବର ଜୋନ କଂଗ୍ରେସ ସଭାପତି ଗୌତମ ମହାନ୍ତଙ୍କ ନେତୃତ୍ୱରେ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ଦାଶ, ଦିଲୀପ କୁମାର ଦାଶ, ପୂର୍ବତନ ବ୍ଲକ ଅଧକ୍ଷ ଗୌର ହରି ନାଏକ, ପ୍ରମୁଖ ପାଟଣା ମୁଖ୍ୟାଳୟ ସ୍ଥିତ ବ୍ଲକ ଛକଠାରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ପୂର୍ବତନ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ବିୟୋଗରେ ଶୋକ

ଆନନ୍ଦପୁର, ୧୧।୯(ସ୍ୱ.ପ୍ର.)- ଘସିପୁରା ବ୍ଲକ ଗଡବାନ୍ଧଗୋଡା ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଜନାର୍ଦ୍ଦନ ଚକ୍ର(୭୮)ଙ୍କ ବିୟୋଗରେ ଶୋକପ୍ରକାଶ ପାଇଛି। ସ୍ୱର୍ଗତ ଚକ୍ର ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଥିବାବେଳେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପୁଅ ଆଇନଜୀବୀ ବିଚିତ୍ର କୁମାର ଚକ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୂର୍ବତନ ବିଧାୟକ କ୍ଷୀରୋଦ ସ୍ୱାଇଁ, ଘସିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର, ସାମାଜିକ କର୍ମୀ ସୁଶାନ୍ତ ବିଶ୍ୱାଳ, ସହଦେବ ସାହୁ, ଭରତ ନାୟକ, ସୁବ୍ରତ ପାତ୍ର, ଭାଜପା ନେତା ପଞ୍ଚାନନ ରାଉତ, ଗୋଲକ ଜେନା, ରାଧାଶ୍ୟାମ ରଣା, ପୃଥ୍ୱୀରାଜ କୁଅଁର, ସଞ୍ଜୟ ଜେନା, ଯଜ୍ଞ ପ୍ରସାଦ ସାହୁ, ମାନସ ସାହୁ, ମୁବାରକ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଦଦରା ଘରେ ଜୁଆଙ୍ଗ

କେନ୍ଦୁଝର, ୧୧।୯ (ସ୍ୱ.ପ୍ର.)

- କାଗଜ କଲମରେ ଆବାସ ଯୋଜନା
- ୨୦ ପରିବାର ବେସାହାରା
- ପ୍ରଶାସନ ନୀରବଦ୍ରଷ୍ଟା


ଜୁଆଙ୍ଗ ଯୋଗେଶ୍ୱରଙ୍କ ଘର।

ବହୁ କଷ୍ଟରେ ଜଙ୍ଗଲଜମି ଅଧିକାର ଆଇନ ବଳରେ ଜମି ପଟ୍ଟା ଓ ଘର ମିଳିଥିଲା। ତେବେ ଘର ନିର୍ମାଣ ହୋଇପାରିଲା ନାହିଁ । ଏନେଇ ଗୁହାରୀ କଲେ କେହି ଶୁଣିଲେ ନାହିଁ । ଫଳରେ ଏହି ଭଙ୍ଗାଦଦରା ଘରେ ରହୁଛନ୍ତି ୩ ପ୍ରାଣୀ । ଘରର କାନ୍ଥ ଭୁଶୁଡି ପଡି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । କାନ୍ଥ ଭୁଶୁଡିଯାଇଥିବାରୁ ମେଲା ପଡିଛି। ବର୍ଷା ହେଲେ ପାଣି ଗଳୁଛି ଏବଂ ଶୀତ ଦିନରେ ଶୋଇ ହେଉନାହିଁ । ଏଭଳି ଅବସ୍ଥାରେ ରହୁଛନ୍ତି ଯୋଗେଶ୍ୱର ଜୁଆଙ୍ଗ। ଏଭଳି ବହୁ ଜୁଆଙ୍ଗ ପରିବାର ସମସ୍ୟା ମଧ୍ୟରେ ରହୁଛନ୍ତି। କିନ୍ତୁ ସରକାରଙ୍କ ବିଭିନ୍ନ ଆବାସିକ ଯୋଜନାର ସଫଳତା ପହଞ୍ଚିପାରୁନାହିଁ।

ହରିଚନ୍ଦନପୁର ବ୍ଲକର ବୁଢାଖମଣ ପଞ୍ଚାୟତର ନୋଡାମ ଜୁଆଙ୍ଗ ଗ୍ରାମର ଲୋକେ ବିଭିନ୍ନ ସମସ୍ୟା ମଧ୍ୟରେ ଅଛନ୍ତି। କେନ୍ଦୁଝର ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୪୦ କି.ମି. ଦୂରରେ ବଣପାହାଡ ଘେରାରେ ରହିଛି ଏହି ଜୁଆଙ୍ଗ ଗ୍ରାମ । ଏହି ଗ୍ରାମରେ ପାଖାପାଖି ୩୬ଟି ପୁରାତନ ଜନଜାତି ଜୁଆଙ୍ଗ ପରିବାର ବସବାସ କରୁଛନ୍ତି। ତେବେ ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ୨୦୧୨ ମସିହାରେ ଜଙ୍ଗଲଜମି ପଟ୍ଟାରେ ଘର ମିଳିଥିଲା। ତେବେ ଗୋଟିଏ ହେଲେ ଘର ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ଏହି ଗରୀବ ଲୋକ ମାନେ ଭଙ୍ଗାଦଦରା ଘରେ ଅସୁରକ୍ଷିତ ଅବସ୍ଥାରେ ରହୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହିନାହିଁ । ବିଭିନ୍ନ ଆବାସିକ ଯୋଜନାର ସଫଳତାକୁ ନେଇ ପ୍ରଶାସନ ବାଃ ବାଃ ମାରୁଥିବା ବେଳେ ଏହି ଗ୍ରାମରେ ସମୀକ୍ଷା କଲେ ବାସ୍ତବ ଚିତ୍ର ଜଣ ବେଶ ଜଣାପଡିବ ବୋଲି ମତ ପ୍ରକାଶ ପାଉଛି ।

ଘର ପାଇଥିବା ଗରୀବ ଜୁଆଙ୍ଗ ହିତାଧିକାରୀ ମାନେ ହେଉଛନ୍ତି ପବିତ୍ର ଜୁଆଙ୍ଗ, ଶୁକ୍ରୁରୁ ଜୁଆଙ୍ଗ, ମାଡୁ ଜୁଆଙ୍ଗ, ମେଘା ଜୁଆଙ୍ଗ, ଉଦିଆ ଜୁଆଙ୍ଗ, ଲକ୍ଷ୍ମୀଧର ଜୁଆଙ୍ଗ, କୃଷ୍ଣ ଜୁଆଙ୍ଗ, ସୁଦର୍ଶନ ଜୁଆଙ୍ଗ, ପଞ୍ଚୁ ଜୁଆଙ୍ଗ, ବନମାଳୀ ଜୁଆଙ୍ଗ, ଟୁକୁନା ଜୁଆଙ୍ଗ, ନିଶାକର ଜୁଆଙ୍ଗ, ବ୍ରହ୍ମାନନ୍ଦ ଜୁଆଙ୍ଗ, ଯୋଗେଶ୍ୱର ଜୁଆଙ୍ଗ, ବଂଶୀଧର ଜୁଆଙ୍ଗ, ଟଭା ଜୁଆଙ୍ଗ, ସନାତନ ଜୁଆଙ୍ଗ, ଇନ୍ଦ୍ରମଣୀ ଜୁଆଙ୍ଗ, କଇଁଥ ଜୁଆଙ୍ଗ, ବଲ୍ଲଭ ଜୁଆଙ୍ଗ, ହରିହର ଜୁଆଙ୍ଗ, ମାଛୁ ଜୁଆଙ୍ଗ, ରବି ଜୁଆଙ୍ଗ, ସରଜନିଆ ଜୁଆଙ୍ଗ, ଟଙ୍କଧର ଜୁଆଙ୍ଗ ବୋଲି ଜଣାପଡିଛି। ଘର ନିର୍ମାଣ ହେବ ଏବଂ ଭଲରେ ରହିବେ ଏଭଳି ଆଶା ରଖି ଦୁତୀ ଜୁଆଙ୍ଗଙ୍କ ସ୍ୱାମୀ ଶେଷରେ ଆଖିବୁଜିଥିବା ବେଳେ ଦୂତୀ ଏବେ ବହୁ ଅସୁବିଧାରେ ରହୁଥିବା କହିଛନ୍ତି।

ସରକାର ଗୃହହୀନମାନଙ୍କୁ ବିଭିନ୍ନ ଆବାସ ଯୋଜନାରେ ଘର ଯୋଗାଇଦେଉଛନ୍ତି। ତେବେ ଉପଯୁକ୍ତ ତଦାରଖ ଅଭାବ ଯୋଗୁ ପାଉଥିବା ଘର ବ୍ୟବହାର କରିପାରୁନାହାନ୍ତି। ଫଳରେ ପୂର୍ବ ପରି ଭଙ୍ଗାଦଦରା ଘରେ ବହୁ କଷ୍ଟରେ ଚଳୁଛନ୍ତି। ଏଣୁ ଏଭଳି କ୍ଷେତ୍ରରେ ସରକାରଙ୍କ ବିଜୁ ପକ୍କା ଘର ଯୋଜନା ସେମାନଙ୍କ ପାଇଁ ପ୍ରହସନରେ ପରିଣତ ହେଉଛି ।

## ବଜ୍ରପାତରେ ଜଣେ ମୃତ, ୩ ଗୁରୁତର


ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ।

ପାଟଣା,୧୧।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କନ୍ଦେଇପଶି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ବିଲରେ ଧାନ ବାଛୁଥିବା ସମୟରେ ବଜ୍ରପାତରେ ପପିତା ନାଏକ ନାମ୍ନୀ ଜଣେ ବିବାହିତା ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ଟାକୁଣ୍ଡା ପାଳ ପଞ୍ଚାୟତ ଜହ୍ନେଇ ପସି ଗ୍ରାମର ଧନେଶ୍ୱର ନାଏକଙ୍କ ସ୍ତ୍ରୀ ପପିତା ନାଏକ। ଆହତମାନେ ହେଲେ ଜହ୍ନେଇପଶି ଗ୍ରାମର ବିବାହିତା ମହିଳା ମମତା ନାଏକ, ରେଣୁକା ନାଏକ, ମାଳତୀ ନାଏକ। ସୂଚନା ଯୋଗ୍ୟ ଯେ ଜହ୍ନେଇପସି ଗ୍ରାମର ରେଣୁକାଙ୍କର ବାପ ଘର ଗାଁ କନ୍ଦେଇପଶି ଚାଷ ଜମି ରେ ଧାନ ବାଛିବା ପାଇଁ ଏମାନେ ଆସିଥିଲେ। ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବା ଏବଂ ୬ମାସ ହେଲା କନ୍ଦେଇପଶି ଡାକ୍ତରଖାନାରେ କୌଣସି ଡାକ୍ତର ନ ଥିବା ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଡାକ୍ତରଖାନା ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଏନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗିରହିଥିଲା। ତୁରୁମୁଙ୍ଗା ପୋଲିସ ପକ୍ଷରୁ ଏସଆଇ ସୁଶିଳା ବାର୍ଲା, ଏଏସଆଇ କୈଳାଶ ମହାନ୍ତ ଓ ବିପିନ ବିହାରୀ ବାରିକ ଅପରାହ୍ନରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏନେଇ ତୁରୁମୁଙ୍ଗା ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୮) ରୁଜୁ କରି ମୃତଦେହ ବ୍ୟବଛେଦ ଲାଗି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ମଦ ବିକ୍ରି ରୋକିବାକୁ ଅଣ୍ଟା ଭିଡ଼ିଲେ ମହିଳା


ମଦବିକ୍ରି ରୋକିବାକୁ ମହିଳାମାନଙ୍କ ରାଲି।

ରାଇସୁଆଁ, ୧୧।୯ (ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଦିନକୁ ଦିନ ମଦ ବିକ୍ରି ବୃଦ୍ଧି ହେବାରେ ଲାଗିଛି। ମଦ ବିକ୍ରି ଯୋଗୁ ଅକାଳରେ ଲୋକେ ମୃତ୍ୟୁବରଣ କରୁଛନ୍ତି। ମଦ ଯୋଗୁ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ହେଉଛି । ଏହାକୁ ନେଇ କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚୟତର ମହିଳାମାନେ ଶପଥ ନେଇ ଗାଁକୁ ମଦ ମୁକ୍ତ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଏକ ସପ୍ତାହ ତଳେ ୩ହଜାରରୁ ଉର୍ଦ୍ଧ୍ୱ ମହିଳା ସ୍ୱେଚ୍ଛାସେବୀ, ୧୦୭ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ଗାଁଗାଁ ବୁଲି ରାଲି କରିବା ସହିତ ବହୁ ସ୍ଥାନରୁ ମଦ ଜବତ କରିବା ସହିତ ତାହାକୁ ଫିଙ୍ଗାଫିଙ୍ଗି କରିଥିଲେ। ସୋମବାର ପୁଣି ନୂଆଗାଁ ସରପଞ୍ଚ କଲ୍ୟାଣୀ ନାଏକଙ୍କ ତତ୍ତ୍ୱାବଧାନରେ ୧ହଜାରରୁ ଉର୍ଦ୍ଧ୍ୱ ମହିଳା ବିଜୁ ଯୁବ ମୋର୍ଚ୍ଚାର ପୁଷ୍ପ ଲତା ସାହୁ, ମାଧବ ସମାଟ, ରଞ୍ଜନ ଦେହୁରୀ, ନିରୁପମା ବେହେରା ପ୍ରମୁଖ ଏକତ୍ରିତ ହୋଇ ନୂଆଗାଁ ହାଟରୁ ମଦ ଜବତ କରିବା ସହିତ ଆନ୍ଦୋଳନକୁ ଶାନ୍ତିଶୃଙ୍ଖଳା ମଧ୍ୟରେ ସମାପନ କରିଥିଲେ। ସଦର ଥାନା ଏସଆଇ ଜିନିମା ସାମଲଙ୍କ ସହ ସଦର ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଉପସ୍ଥିତ ରହିବା ସହ ମଦ ବିକ୍ରି ବନ୍ଦ କରିବାକୁ ଲୋକଙ୍କୁ ସଚେତନ କରାଉଥିବା ସୂଚନା ମିଳିଛି।

## ଝାଡ଼ଖଣ୍ଡରେ ଓଡ଼ିଆ ଶିକ୍ଷାର ବିକାଶ ଦାବି

### ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଚମ୍ପୁଆ,୧୧।୯(ଡି.ଏନ.ଏ.)

କେନ୍ଦୁଝର ଜିଲାର ଉପାନ୍ତ ତଥା ଓଡିଶାର ବିଚ୍ଛିନ୍ନାଞ୍ଚଳ ପଶ୍ଚିମ ସିଂଭୂମ୍ ଜିଲାରେ ଓଡିଆ ଶିକ୍ଷାର ବିକାଶ ଓ ସୁରକ୍ଷା କରିବା ଏବଂ ଓଡିଆ ଅଧ୍ୟୁଷିତ ଜୟନ୍ତୀଗଡ ଅଞ୍ଚଳରେ ଏହାର ସୁବ୍ୟବସ୍ଥା କରିବା ନିମନ୍ତେ ଉଭୟ ଓଡିଶା ଓ ଝାଡ଼ଖଣ୍ଡ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପଠାଯାଇଛି। ଏ ନେଇ ଓଡିଶା ରାଜ୍ୟପାଳ ଗଣେଶି ଲାଲ ଓ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ଅଛି ଯେ, ଜୟନ୍ତୀଗଡର ୨୦ କି.ମି. ଭିତରେ ୧ଲକ୍ଷରୁ ଅଧିକ ଓଡିଆ ବସବାସ କରିଆସୁଛନ୍ତି। ଏମାନଙ୍କ ମଧ୍ୟରେ ପ୍ରାୟ ୯୦ଭାଗ ଲୋକ ଓଡିଆ ଭାଷାଭାଷୀ ଅଟନ୍ତି। ମାତ୍ର ଓଡିଆ ଭାଷା, ଓଡିଆ ଶିକ୍ଷାର ସୁବ୍ୟବସ୍ଥା ନାହିଁ। ଜୟନ୍ତୀଗଡଠାରେ ୧୯୮୬ ମସିହାଠାରୁ ଏକ ଓଡିଆ ବିଦ୍ୟାଳୟ ଖୋଲାଯାଇଛି । ବର୍ତ୍ତମାନ ଏଥିରେ ୯୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଣୁ ଏହି ଅନୁଷ୍ଠାନକୁ ତୁରନ୍ତ ସ୍ୱୀକୃତି ପ୍ରଦାନ, ଆର୍ଥିକ ସହାୟତା ପ୍ରଦାନ, ହରିଜନ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ, ପାଠ୍ୟ ଉପକରଣ, ଶିକ୍ଷକଙ୍କ ଦରମା, ସ୍କୁଲ ଗୃହ ନିର୍ମାଣ ଆଦି କରିବା ପାଇଁ ଦାବି କରାଯାଇଛି । ଉତ୍କଳମଣି ମଧ୍ୟ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସଭ୍ୟ ବାଣୀ ପ୍ରଧାନ, ପ୍ରଭାତୀ କାଳନ୍ଦୀ, ରବୀନ୍ଦ୍ର ନାଏକ, ସୁବାସ ଚନ୍ଦ୍ର ବେହେରାଙ୍କ ସହିତ ବହୁ ଓଡିଆ ଭାଷାଭାଷୀ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି ।

## ହାତୀ ଉଜାଡ଼ିଲେ ୨୦ ଏକର ଫସଲ


ହାତୀପଲ ଗ୍ରାମାଭିମୁଖୀ ହେଉଛନ୍ତି।

ଚମ୍ପୁଆ,୧୧।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ଦିନକୁ ଦିନ ବଢୁଥିବା ହାତୀ ଉପଦ୍ରବ କମିବାରେ ନାଁ ଧରୁନି । ଫଳରେ ସିଧାସଳଖ ଏହାର ପ୍ରଭାବ ଚାଷୀକୁଳ ଉପରେ ପଡିଛି । ଦିନବେଳା ଜଙ୍ଗଲ ଭିତରେ ରହୁଥିବା ଏହି ହାତୀପଲ ଚାଷ ଜମିକୁ ଓହ୍ଲାଇବା ସହିତ ଫସଲ ନଷ୍ଟ କରି ଚାଲିଛନ୍ତି। ବନ ବିଭାଗ କର୍ମଚାରୀମାନେ ଏହି ହାତୀ ପଲଙ୍କୁ ଘଉଡ଼ାଇବାକୁ ଅସମର୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ଯୋଗୁ ଗ୍ରାମବାସୀ ଏକ ପ୍ରକାର ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ସପ୍ତାହ ମଧ୍ୟରେ ହାତୀ ପଲ ୨୦ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲ ନଷ୍ଟ କରିସାରିଲେଣି । ବର୍ତ୍ତମାନ ଚମ୍ପୁଆ ସେକ୍ସନ୍‌ରେ ୩୫, ବାଲିବନ୍ଧ ସେକ୍ସନ୍‌ରେ ୧୮ ଓ ବାମେବାରୀ ସେକ୍ସନ୍‌ରେ ୧୪ଗୋଟି ହାତୀ ରହିଛନ୍ତି। ଗତ ସୋମବାର ହାତୀପଲ ଚମ୍ପୁଆ ସେକ୍ସନ୍‌ର ଚିମିଳା ଅଞ୍ଚଳର ବାଣେଶ୍ୱର ନାଏକ, ରାମଚନ୍ଦ୍ର ନାଏକ, ଦିଲ୍ଲୀପ ନାଏକ, ମଧୁ ବେହେରା, ପ୍ରଶାନ୍ତ ବାରିକ, ଗଣେଶ୍ୱର ବାରିକ, ଚିନ୍ତାମଣି ମହାନ୍ତ, ରମାକାନ୍ତ ବାରିକ, ତରୁଣ ପାତ୍ରଙ୍କ ସମେତ ବହୁ ଲୋକଙ୍କ ଧାନ ଫସଲ ନଷ୍ଟ ହୋଇଛି। ବନ ବିଭାଗ ହାତୀ ଘଉଡାଇବା ପାଇଁ କେବଳ ବାଣ ଫୁଟାଇ ନୀରବରେ ବସି ଯାଉଥିବା ଅଭିଯୋଗ ହେଉଛି। ଏପଟେ ଧାରକରଜ କରି ଚାଷ କରୁଥିବା ଲୋକଙ୍କ ଫସଲ ଉଜୁଡ଼ିବାରେ ଲାଗିଛି।

## ୧୫ ଲିଟର ଡିଜେଲ ଜବତ, ଅଭିଯୁକ୍ତ ଗିରଫ

ଯୋଡ଼ା, ୧୧।୯ (ଡି.ଏନ୍.ଏ.)

ଯୋଡା ସହରରେ ପୋଲିସ ଚଢାଉ କରି ଗତ ସୋମବାର ବିଳମ୍ବିତ ରାତିରେ ୧୫ ଲିଟର ଚୋରା ଡିଜେଲ ସହ ଏକ ବୋଲେରୋ ଜବତ କରିଛି । ଏହି ଘଟଣାରେ ପୋଲିସ ଅଭିଯୁକ୍ତ ମୁନା ଓରାମକୁ ଗିରଫ କରିଛି। ସୂଚନା ଅନୁଯାୟୀ ଗତ ସୋମବାର ପୋଲିସର ପାଟ୍ରୋଲିଂ ସମୟରେ ଡିଜେଲ ଚୋରା କାରବାର କରୁଥିବା ଏକ ବୋଲେରୋକୁ ପିଛା କରିଥିଲେ। ଉକ୍ତ ଗାଡିରୁ ପୋଲିସ ଚୋରା ଡିଜେଲ ସହ ପାଇପ୍ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଯୋଡା ଥାନାରେ ପୋଲିସ ଏକ ମାମଲା (ନଂ.୫୧/୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ୨ ଗିରଫ

ବଡବିଲ,୧୧।୯ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଚଟେଇ ହଟିଂରେ ସୋମବାର ଜଣେ ଯୁବତୀଙ୍କୁ ବଳାତ୍କାର ନେଇ ଅଭିଯୋଗ ହୋଇଛି। ମୁଖ୍ୟ ଅଭିଯୁକ୍ତ ସେହି ଅଞ୍ଚଳର ଭୋଲା ବାହାଦୁର ଏବଂ ତାଙ୍କ ସହଯୋଗୀ ରାଜେଶ ଗୋପଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଯୁବତୀ ଜଣକ ଚଟେଇ ହଟିଂସ୍ଥିତ ଭଉଣୀ–ଭିଣୋଇ ଘରକୁ ବୁଲିବାକୁ ଆସିଥିଲେ। ମଧ୍ୟାହ୍ନରେ ଭଉଣୀଭିଣୋଇ ଯୁବତୀଙ୍କୁ ଘରେ ଛାଡି ଡାକ୍ତରଖାନାକୁ ଯାଇଥିଲେ। ଭଉଣୀଭିଣୋଇଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଭୋଲା ଏକୁଟିଆ ଥିବା ଯୁବତୀଙ୍କ ଘରେ ପଶିଥିଲାବେଳେ ରାଜେଶ ଘର ବାହାର ପଟୁ କବାଟ କିଳିଦେଇଥିଲେ। ଅପରାଧ ଭିଆଇବା ପରେ ଉଭୟ ଘଟଣାସ୍ଥଳ ଛାଡି ପଳାୟନ କରିଥିଲେ। ଯୁବତୀଙ୍କୁ ବଳାତ୍କାର କରିଥିବା ନେଇ ମଙ୍ଗଳବାର ବଡବିଲ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ଡାକ୍ତରୀ ମାଇନା ନିମନ୍ତେ ଚମ୍ପୁଆ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି।

# ବିଭିନ୍ନ ଦାବି ନେଇ ମିଳିତ ମଞ୍ଚର ଧାରଣା

ଆନନ୍ଦପୁର/ ଚମ୍ପୁଆ/ ଝୁମ୍ପୁରା/ ଯୋଡ଼ା/ ତେଲକୋଇ, ୧୧।୯ (ସ୍ୱ.ପ୍ର./ଡି.ଏନ.ଏ.)




ବ୍ଲକ ସମ୍ମୁଖରେ ଧାରଣାରତ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ।

ଘସିପୁରା ବ୍ଲକ ସମ୍ମୁଖରେ ସ୍କୁଲ ଓ କଲେଜ ଶିକ୍ଷକ ମିଳିତ ମଞ୍ଚର ଧାରଣା ଆରମ୍ଭ ହୋଇଛି। ଯୋଗ୍ୟ ବିବେଚିତ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପରିସରଭୁକ୍ତ କରାଯାଇ ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସହ ଅନୁଦାନ ପ୍ରଦାନ, ଅନୁଦାନ ଯୋଗ୍ୟ ସମସ୍ତ ସ୍କୁଲ ଓ କଲେଜକୁ ଅନୁଦାନ ପ୍ରଦାନ ଏବଂ ୨୦୧୮ ଅନୁଦାନ ଆଇନରେ ୪୦, ୬୦ ଓ ୭୫ ଶତକଡା ଦରମା ପାଉଥିବା ବିଦ୍ୟାଳୟକୁ ଅନୁଦାନ ନିର୍ଦ୍ଦେଶପତ୍ର ସହିତ ବାର୍ଷିକ ଦରମା ବୃଦ୍ଧିକୁ ଯୋଗ କରିବା, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ପାଇଁ ଲାଗୁ ହୋଇଥିବା ଅନୁକମ୍ପା ସହାୟତା ରାଶି ଓ ଇପିଏଫ ବାବଦ ଅର୍ଥ ତୁରନ୍ତ ପ୍ରଦାନ, ସମସ୍ତ ସ୍କୁଲ କଲେଜରେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କର ବକେୟା ଦରମା ତୁରନ୍ତ ପ୍ରଦାନ କରାଯିବା ଓ ଚାକିରୀ କାଳକୁ ୬୨ ବର୍ଷକୁ ବୃଦ୍ଧି କରାଯିବା ପ୍ରଭୃତି ଦାବି ନେଇ ସ୍କୁଲ କଲେଜ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଏହି ଧାରଣାରେ ସାମିଲ ହୋଇଥିବା ଦେଖାଯାଇଛି। ଘସିପୁରା ବ୍ଲକର ୪ ଗୋଟି କଲେଜ ଓ ୮ ଗୋଟି ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକମାନେ ଏଥିରେ ସାମିଲ ଥିଲେ।

ପାଟଣାରେ ବ୍ଲକ ଗ୍ରାଣ୍ଟ ସ୍କୁଲ କଲେଜ ମିଳିତ ମଞ୍ଚ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ଆହ୍ୱାନରେ ସାରା ରାଜ୍ୟର ୩୧୪ ଟି ବ୍ଲକର ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ଶିକ୍ଷକ ଅଧ୍ୟାପକ କର୍ମଚାରୀମାନେ ମଙ୍ଗଳ ବାର ଠାରୁ ୪ ଦଫା ଦାବି ନେଇ ଧାରଣାରେ ବସିଛନ୍ତି। ଏହି ଧାରଣା ଆଗାମୀ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦୁଝର ଜିଲା ପାଟଣା ବ୍ଲକ ର କାର୍ଯ୍ୟରତ ୨୦୦ରୁ ଉର୍ଦ୍ଧ୍ୱ ଅଧ୍ୟାପକ, ଶିକ୍ଷକ ଓ କର୍ମଚାରୀ ମାନେ ପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳ ବାରଠାରୁ ଧାରଣାରେ ବସିଛନ୍ତି। ଏହି ଧାରଣା ରେ ପାଟଣା ବ୍ଲକ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆବାହକ ଅନୀଲ କୁମାର ବାରିକ, ଶିକ୍ଷକ ନେତା କୃଷ୍ଣ ଚନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ମହାନ୍ତ, ଚିନ୍ମୟ କୁମାର ମିଶ୍ର, ଫକୀର ମୋହନ ମାଝୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଚମ୍ପୁଆ ବ୍ଲକଠାରେ ବ୍ଲକଗ୍ରାଣ୍ଟ ଶିକ୍ଷକ ସମେତ ଅଧାପକମାନେ ସୋମବାର ଧାରଣାରେ ବସିଛନ୍ତି। ବିଭିନ୍ନ ଦାବି ନେଇ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଧ୍ୟାପିକାଅଧ୍ୟାପକ ମାନେ ଏଥିରେ ସାମିଲ ହୋଇଛନ୍ତି। ଶିକ୍ଷକମାନେ ୭ଗୋଟି ଦାବି ପୂରଣ ପାଇଁ ଧାରଣାରେ ବସିଥିବା କହିଛନ୍ତି।

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ସଦସ୍ୟ ମାନେ ଧାରଣାରେ ବସିଛନ୍ତି। ୭ ଦଫା ଦାବି ନେଇ ମିଳିତ ମଞ୍ଚ ଧାରଣାରେ ବସିଥିବା ବେଳେ, ଏହି ପ୍ରକ୍ରିୟା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣା ପଡିଛି। ଏହା ପରେ ମଧ୍ୟ ସରକାର ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ନ୍ୟାର୍ଯ୍ୟ ଦାବି ଗୁଡିକୁ ଉପେକ୍ଷା କଲେ ଏହି ଧାରଣା ପଞ୍ଚାୟତ ସ୍ତରକୁ ନିଆଯାଇ ଛାତ୍ର, ଅଭିଭାବକ, ସାଧାରଣ ନାଗରିକ, ବୁଦ୍ଧିଜୀବୀ ମାନଙ୍କୁ ଏଥିରେ ସାମିଲ କରାଯିବ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ସୋମବାର ଧାରଣା ସମୟରେ ମିଳିତ ମଞ୍ଚର ସଦସ୍ୟ ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୭ଦଫା ଦାବି ପୂରଣ ନିମିତ ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଯୋଡା ଶାଖା ପକ୍ଷରୁ ୪ ଦଫା ଦାବି ନେଇ ସୋମବାର ଠାରୁ ଯୋଡା ବ୍ଲକ କାର୍ଯ୍ୟାଳୟରେ ଧାରଣା ଦିଆଯାଇଛି । ଏଥିରେ ଯୋଡା ବ୍ଲକରେ ଥିବା ୧୧ଟି ଉଚ୍ଚ ବିଦ୍ୟାଳୟ ସମେତ ଯୋଡା ମହିଳା ମହାବିଦ୍ୟାଳୟ ଓ ବଡ଼ବିଲ ମହାବିଦ୍ୟାଳୟର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଏହି ଧାରଣା ଦେଇଥିଲେ । ଏହି ଧାରଣା ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦିଆଯାଇଥିଲା । ରାଜ୍ୟ ଷ୍ଟିୟରିଂ କମିଟିର ସଦସ୍ୟ ଶରତ କୁମାର ଭଞ୍ଜ, ବ୍ଲକ କମିଟି ସଦସ୍ୟ ଅରୁଣ କୁମାର ମିଶ୍ର, ସଦସ୍ୟ ପବିତ୍ର ମୋହନ କର, ସଦସ୍ୟା ସାବିତ୍ରୀ ମହାନ୍ତି ସଦସ୍ୟ ଦୁଷ୍ମନ୍ତ ପ୍ରଧାନଙ୍କ ସମେତ ଶତାଧିକ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ମାନେ ଏହି ଧାରଣାରେ ସାମିଲ ଥିଲେ । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏହି ଧାରଣା ଜାରୀ ରହିବ ଏବଂ ଏହି ସମୟ ମଧ୍ୟରେ ଦାବି ପୂରଣ କରା ନ ଗଲେ ଗ୍ରାମ୍ୟ ସ୍ତରରେ ପଦଯାତ୍ରା କରି ସଚେତନତା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।

ତେଲକୋଇ ବ୍ଲକର ସମସ୍ତ ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଓ କଲେଜ କର୍ମଚାରୀମାନେ ମଙ୍ଗଳବାର ବ୍ଲକ ଘେରାଉ କରିଛନ୍ତି। ତେଲକୋଇ ଡାକବଙ୍ଗଳଠାରେ ଏକ ରାଲିରେ ୭ ଦଫା ଦାବି ନେଇ ବଜାର ଅଞ୍ଚଳ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ।